# ଭୂତଳ ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ



ଭୁବନେଶ୍ୱର, ୧।୧୧ (ସୂର୍ଯ୍ୟକାନ୍ତ ବେହେରା)

ଦୀପାବଳି ରାତିରେ ରାଜଧାନୀ ଭୁବନେଶ୍ୱରର ଦୁଇଟି ସ୍ଥାନରେ ଅଗ୍ନିକାଣ୍ଡ ଘଟିଛି। କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ୍-୧ ଭୂତଳ ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ ଘଟି ଗୋଟିଏ ଲୁଗା ଦୋକାନ ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ବହୁ ଦୋକାନ କ୍ଷତିଗ୍ରସ୍ତ ହୋଇଛି। ଶର୍ଟସର୍କିଟ୍ କିମ୍ବା ଦୀପ ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଏଥିରେ ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ି ଯାଇଥିବା ସୂଚନା ମିଳିଛି।

ସୂଚନାନୁସାରେ, ୟୁନିଟ-୧ ଓ ୟୁନିଟ-୨ ମାର୍କେଟକୁ ସଂଯୋଗ କରୁଥିବା ଭୂତଳ ମାର୍କେଟରେ ୨୬ଟି ଦୋକାନ ରହିଛି। ଗୁରୁବାର ରାତି ପ୍ରାୟ ୧୧ଟା ୪୦ରେ ମାର୍କେଟ ଭିତରୁ ପ୍ରବଳ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ଦମକଳ କେନ୍ଦ୍ର ଓ ଥାନାକୁ ଖବର ଦେଇଥିଲେ। ପ୍ରଥମେ କଳ୍ପନାରୁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାତ୍ର ତାହା ଏକ ଭୂତଳ ମାର୍କେଟ ହୋଇଥିବାରୁ ପ୍ରବେଶ ପଥ ଓ ପ୍ରସ୍ଥାନ ପଥରେ ପ୍ରବଳ ନିଆଁ ଓ ଧୂଆଁ ବାହାରୁଥିବାରୁ ଅଗ୍ନିଶମ କର୍ମଚାରୀ ପ୍ରାୟ ଘଣ୍ଟାଏ କାଳ ଉଦ୍ୟମ କରି ଭିତରେ ପଶି ପାରି ନ ଥିଲେ। ଏହାପରେ ଭେଣ୍ଟିଲେଶନ ବାଟକୁ ଭାଙ୍ଗି ଧୂଆଁ ବାହାର କରାଯାଇଥିଲା। ତା' ପରେ ଅଗ୍ନିଶମ କର୍ମଚାରୀମାନେ ଭିତରେ ପଶିଥିଲେ। ଏହି ନିଆଁ ଲିଭା କାର୍ଯ୍ୟରେ ୩ଟି ଟିମ୍ ୫ଟି ଦମକଳ ଗାଡି ସହ ନିୟୋଜିତ ହୋଇଥିଲେ। ସେମାନେ ପ୍ରାୟ ୪ ଘଣ୍ଟାର ଅପରେଶନ ପରେ ନିଆଁକୁ ଆୟତ୍ତ କରିଥିଲେ।

### ବାପୁଜୀନଗର ଭେଣ୍ଡିଂ ଜୋନ୍‌ରେ ଜଳିଗଲା ସାଇକେଲ ଦୋକାନ

ସେହିପରି କ୍ୟାପିଟାଲ ଥାନା ଅନ୍ତର୍ଗତ ବାପୁଜୀନଗର ଭେଣ୍ଡିଂ ଜୋନ୍‌ରେ ମଧ୍ୟ ଗୁରୁବାର ରାତି ୮ଟାରେ ଅଗ୍ନିକାଣ୍ଡ ଘଟିଥିଲା। ସାଇକେଲ ଦୋକାନରେ ନିଆଁ ଲାଗି ବହୁ ସାଇକେଲ ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିଯାଇଛି। ଅଗ୍ନିକାଣ୍ଡର ଠିକ କାରଣ ଜଣାପଡି ନ ଥିଲେ ମଧ୍ୟ ଶର୍ଟ ସର୍କିଟ୍‌ରୁ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ସ୍ଥାନୀୟ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।




ବାପୁଜୀନଗର ଭେଣ୍ଡିଂ ଜୋନ୍‌ରେ ପୋଡ଼ିଯାଇଥିବା ସାଇକେଲ ଦୋକାନ।

## ସଂକ୍ଷେପରେ

### ୧୧ଜଣଙ୍କୁ ମିଳିବ 'କଳିଙ୍ଗ ପୁସ୍ତକ ମେଳା ସମ୍ମାନ'

ଭୁବନେଶ୍ୱର, ୧।୧୧ (ବନ୍ଦନା ସେଠୀ)

ଚଳିତ ବର୍ଷ ୨୭ତମ କଳିଙ୍ଗ ପୁସ୍ତକ ମେଳା ନଭେମ୍ବର ୮ ରୁ ୧୭ ପର୍ଯ୍ୟନ୍ତ ପ୍ରଦର୍ଶନୀ ପଡିଆଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ଓଡ଼ିଆ ସାହିତ୍ୟର ୧୧ଟି ବିଭାଗରେ ଶ୍ରେଷ୍ଠ ବିବେଚିତ ପୁସ୍ତକର ଲେଖିକା ଲେଖକମାନଙ୍କୁ 'କଳିଙ୍ଗ ପୁସ୍ତକ ମେଳା ସମ୍ମାନ'ରେ ସମ୍ମାନିତ କରାଯିବ। ନଭେମ୍ବର ୧୬ରେ କଳିଙ୍ଗ ପୁସ୍ତକ ମେଳାର ପୂର୍ଣ୍ଣେନ୍ଦୁ ମିଶ୍ର ସ୍ମୃତି ସ୍ମାରକୀ ମଞ୍ଚରେ ଏହି ସମ୍ମାନ ପ୍ରଦାନ କରାଯିବ। ଚଳିତ ବର୍ଷ ଲେଖକ ଚିତ୍ତରଞ୍ଜନ ପଟ୍ଟନାୟକ, ପ୍ରଶାନ୍ତ କୁମାର ବିଶ୍ୱାଳ, ବାବାଜୀ ଚରଣ ଦାସ, ବଂଶୀଧର ସେଠୀ, ସ୍ନିଗ୍ଧା ନାୟକ, ବିଜୟ କୁମାର ନାଥ, ସଂଯୁକ୍ତା ମହାପାତ୍ର, ମାନସୀ ପାତ୍ର, ଲଳିତ ମୋହନ, ଦେବଯାନୀ ରାୟ ଓ ବସିରନ ବିବି, ଗୌରଚନ୍ଦ୍ର ମହାପାତ୍ର ଏବଂ ଡ.ସତ୍ୟନାରାୟଣ ମିଶ୍ରଙ୍କୁ ଏହି ସମ୍ମାନରେ ସମ୍ମାନୀତ କରାଯିବ। ଏଥିସହ ସମାଜସେବା ଓ ସାରସ୍ୱତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶାନ୍ତିଲତା ରଥଙ୍କୁ କଳିଙ୍ଗ ପୁସ୍ତକ ମେଳାର ଦିବଂଗତ ପ୍ରତିଷ୍ଠାତା ସଭାପତି 'ଗୀତା ହୋତା ସ୍ମୃତି ସ୍ମାରକୀ ସମ୍ମାନ'ରେ ସମ୍ମାନିତ କରାଯିବ ବୋଲି ସୂଚନା ଦିଆଯାଇଛି।

# ପୂର୍ବତଟ ରେଳପଥରେ ଭିଜିଲାନ୍ସ ସଚେତନତା ସପ୍ତାହ ଉଦ୍‌ଯାପିତ




ଭୁବନେଶ୍ୱର, ୧।୧୧ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପକ୍ଷରୁ 'ସତ୍ୟ ନିଷ୍ଠାର ସଂସ୍କୃତିରୁ ରାଷ୍ଟ୍ରର ସମୃଦ୍ଧି' ବିଷୟବସ୍ତୁ ଉପରେ ସପ୍ତାହେ ଧରି ପାଳନ କରାଯାଇଥିବା ଭିଜିଲାନ୍ସ ସଚେତନତା ସପ୍ତାହ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ, ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ସେବାରେ ଅଖଣ୍ଡତା ଏବଂ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ। ରେଳପଥ କର୍ମଚାରୀ ଓ ସେମାନଙ୍କ ପିଲା, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୂର୍ବତଟ ରେଳପଥର ସତର୍କତା ବିଭାଗ ଦ୍ୱାରା ଆୟୋଜିତ ଅନ୍-ଦି ସ୍ପଟ୍ ପ୍ରବନ୍ଧ, ବିତର୍କ ଏବଂ ପେଣ୍ଟିଂ ପ୍ରତିଯୋଗିତାରେ ପାରଦର୍ଶିତା ପାଇଁ ମହାପ୍ରବନ୍ଧକ ଫୁଙ୍କୱାଲ ପୁରସ୍କୃତ କରିଥିଲେ। ପୂର୍ବତଟ ରେଳପଥର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ତଥା ବରିଷ୍ଠ ଉପମହାପ୍ରବନ୍ଧକ ବିଜୟ କୁମାର ମିଶ୍ର ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ମଣିପାଲ ହସ୍ପିଟାଲରେ ସ୍ତନ କର୍କଟ ସଚେତନତା କର୍ମଶାଳା

ଭୁବନେଶ୍ୱର, ୧।୧୧ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ଅକ୍ଟୋବର ମାସକୁ ସ୍ତନ କର୍କଟ ସଚେତନତା ମାସ ଭାବେ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଆଶାକର୍ମୀଙ୍କ ପାଇଁ ଏକ ସଚେତନତା କର୍ମଶାଳାର ଆୟୋଜନ କରାଯାଇଥିଲା। ଏଥିରେ ୧୦୦ରୁ ଅଧିକ ଆଶାକର୍ମୀ ଭାଗ ନେଇଥିଲେ। ପରିଚୟ ଫାଉଣ୍ଡେଶନର ପ୍ରତିଷ୍ଠାତ୍ରୀ ଡା. ରୋଜାଲିନ୍ ପାଟଶାଣୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର କର୍କଟ ରୋଗ ବିଶେଷଜ୍ଞ ଡା. ରୋମିଲା ତିୱାରୀ, ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ଶିବାନୀ ଦେବୀ, ଡାଏଟିସିଆନ୍ ସ୍ୱାତୀ ମହାପାତ୍ର ପ୍ରମୁଖ ଆଶା କର୍ମୀମାନଙ୍କ ସହ ସ୍ତନ କର୍କଟର କାରଣ, ଲକ୍ଷଣ, ଚିକିତ୍ସା ପଦ୍ଧତି, ଚିକିତ୍ସା ସମୟରେ ଓ ପରେ ଖାଦ୍ୟପେୟ ଏବଂ ଜୀବନଶୈଳୀ ଆଦି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର କହିଥିଲେ, ଆଶାକର୍ମୀମାନେ ପ୍ରତ୍ୟକ୍ଷ ଭାବେ ପ୍ରତିଦିନ ଅନେକ ମହିଳାଙ୍କ ସହ କାମ କରିଥାନ୍ତି। ସେମାନଙ୍କୁ ସ୍ତନ କର୍କଟ ଭଳି ରୋଗ ବାବଦରେ ସଚେତନ କରାଇବାର ଲକ୍ଷ୍ୟ ହେଉଛି, ସେମାନେ ଯେପରି ଅନ୍ୟ ମହିଳାଙ୍କୁ ସ୍ତନ କର୍କଟର ଲକ୍ଷଣ ଓ ଚିକିତ୍ସା ସମ୍ପର୍କରେ ଅବଗତ କରାଇପାରିବେ। କାରଣ ପ୍ରାଥମିକ ସ୍ତରରେ ମହିଳାମାନେ ସ୍ତନ କର୍କଟକୁ ଚିହ୍ନଟକରିପାରିଲେ ଓ ଠିକ୍ ଚିକିତ୍ସା କଲେ ଜଣେ ଏକ ସୁସ୍ଥ ଓ ନୀରୋଗ ଜୀବନ ଅତିବାହିତ କରିପାରିବେ। ସେହିଭଳି ପରିଚୟ ଫାଉଣ୍ଡେଶନର ପ୍ରତିଷ୍ଠାତ୍ରୀ ଡା.ରୋଜାଲିନ୍ ପାଟଶାଣୀ ମିଶ୍ର କହିଥିଲେ, ଏପରି କାର୍ଯ୍ୟକ୍ରମ ପାଇଁ ମଣିପାଲ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ। ଅପରପକ୍ଷରେ ଆଶାକର୍ମୀମାନଙ୍କୁ ସଚେତନ କରାଇପାରିଲେ ନିଶ୍ଚିତ ଭାବେ ସମାଜରେ ଅନ୍ୟ ମହିଳା ସ୍ତନ କର୍କଟ ସମ୍ପର୍କରେ ସଚେତନ ହୋଇପାରିବେ।

# ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟରେ ଇଣ୍ଡକ୍‌ଶନ କାର୍ଯ୍ୟକ୍ରମ




ବାରଙ୍ଗ/ତ୍ରିଶୂଳିଆ, ୧।୧୧ (ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟରେ ୨୦୨୪-୨୫ରେ ନୂତନ ଭାବେ ଆଡମିଶନ କରିଥିବା ଛାତ୍ରୀଛାତ୍ରମାନଙ୍କ ପାଇଁ ଇଣ୍ଡକ୍‌ଶନ କାର୍ଯ୍ୟକ୍ରମକୁ ଶୁକ୍ରବାର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ତେଜପ୍ରସାଦ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟର ଡିନ୍ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଅତିଥିମାନଙ୍କୁ ତଥା ନୂତନ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିଥିଲେ। ଡେପୁଟି ଡିନ୍ ପ୍ରଫେସର ଦୁର୍ଗାପ୍ରସାଦ ଦାଶ ଆୟୁର୍ବେଦର ଭବିଷ୍ୟତ ସମ୍ପର୍କରେ ସୂଚନା ଦେଇଥିଲେ। ଡାଇରେକ୍ଟର ଅଫ୍ ଅପରେଶନ ସ୍ୱାମୀ ସତ୍ୟ ଚୈତନ୍ୟ ଜୀ ଛାତ୍ରୀଛାତ୍ରଙ୍କୁ ସମୟର ଉଚିତ ବ୍ୟବହାର ସମ୍ପର୍କରେ ବୁଝାଇଥିଲେ। ଡେପୁଟି ଡାଇରେକ୍ଟର ଅଫ୍ ଆଡମିଶନ ମଳୟ ମଲ୍ଲ ବିଶ୍ୱବିଦ୍ୟାଳୟ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ପ୍ରଫେସର ପ୍ରଦୀପ କୁମାର ଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଯୋଗ ଦେଇଥିଲେ। ଡ. ପ୍ରିୟାଞ୍ଜୁ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନାବାଳିକାଙ୍କ ଆପତ୍ତିଜନକ ଫଟୋ ଉଠାଇ ଧମକ, ଯୁବକ ଗିରଫ

ଭୁବନେଶ୍ୱର, ୧।୧୧ (ସୂର୍ଯ୍ୟକାନ୍ତ ବେହେରା)

ବନ୍ଧୁତା ବାହାନାରେ ନାବାଳିକା ଛାତ୍ରୀଙ୍କ ସହ ବିଶ୍ୱାସଘାତକତା କଲେ ଯୁବକ। ନିଶା ଦେଇ ଅଚେତ କରିବା ପରେ ଛାତ୍ରୀଙ୍କ ଆପତ୍ତିଜନକ ଫଟୋ ଉଠାଇ ବ୍ଲାକ୍‌ମେଲ କଲେ। ବିବାହ କରିବାକୁ ଜିଦ୍ ଧରି ନିରାଶ ହେବାରୁ କଟୁରି ଧରି ମାରିବାକୁ ଉଦ୍ୟମ କରୁଥିବାବେଳେ ବାଲିଅନ୍ତା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ରାଜକିଶୋର ନାୟକ(୨୧)। ତାଙ୍କଠାରୁ ପୋଲିସ ମୋଟରସାଇକେଲ ଜବତ କରିଛି। ସୂଚନାନୁସାରେ, ପୀଡିତା ନାବାଳିକା ଛାତ୍ରୀ ଜଣକ ମାମୁ ଘରକୁ ବୁଲିବାକୁ ଯାଇଥିବା ବେଳେ ଅଭିଯୁକ୍ତଙ୍କ ସହିତ

### ମାରିବାକୁ କଟୁରି ଧରି ଖୋଜୁଥିଲେ

ପରିଚୟରୁ ପରେ ବନ୍ଧୁତା ହୋଇଥିଲା। ଛାତ୍ରୀ ଜଣକ କଲେଜରୁ ଘରକୁ ଫେରିବା ନିମନ୍ତେ ଅଟୋକୁ ଅପେକ୍ଷା କରିଥିବା ବେଳେ ଅଭିଯୁକ୍ତ ସେଠାରେ ପହଞ୍ଚି ତାଙ୍କୁ ନିଜ ମୋଟରସାଇକେଲରେ ଘରେ ଛାଡ଼ିବାକୁ କହି ବାଟରେ ବ୍ରାହ୍ମଣଷଡଙ୍ଗୀ ଛକରେ ଥଣ୍ଡା ପାନୀୟରେ ନିଶା ଦେଇ ଜୟଦେବ ପାର୍କକୁ ନେଇଯାଇଥିଲେ। କିଛି ସମୟ ପରେ ସେ ଅଚେତ ହୋଇପଡିବାରୁ ଅଭିଯୁକ୍ତ ତାଙ୍କର କିଛି ଆପତ୍ତିଜନକ ଫଟୋ ଉଠାଇଥିଲେ। ପରେ ଉକ୍ତ ଫଟୋ ଗୁଡିକୁ ମାଧ୍ୟମ କରି ପୀଡିତାଙ୍କୁ ବିବାହ କରିବା ଲାଗି ତାଙ୍କ ଘର ଲୋକଙ୍କୁ ବାଧ୍ୟ କରିଥିଲେ। ପରିବାର ସଦସ୍ୟ ଏଥିରେ ରାଜି ନ ହେବାରୁ ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ଜଣକ ଅକ୍ଟୋବର ୩୦ ସକାଳେ ପୀଡିତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ସାଙ୍ଗରେ କଟୁରି ନେଇ ତାଙ୍କ ଘରେ ପହଞ୍ଚି ଉତ୍ପାତ କରିଥିଲେ। ସ୍ଥାନୀୟ ଲୋକେ ଏକାଠି ହେଉଥିବା ଦେଖି ସେ ପଳାଇଥିଲେ। କିଛି ସମୟ ପରେ ପୁଣି ସେଠାକୁ ଆସି ନାବାଳିକାଙ୍କୁ ଖୋଜିଥିଲେ। ଏହା ଦେଖି ପୀଡିତା ଭୟଭୀତ ହୋଇ ବଡପାଟିରେ ଡାକ ପକାଇବାରୁ ଗ୍ରାମବାସୀ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

# ଭାଗବତ ସପ୍ତାହ ପାଳିତ

ଭୁବନେଶ୍ୱର, ୧।୧୧ (ବନ୍ଦନା ସେଠୀ)

ଓଁ ଶ୍ରୀଶ୍ରୀ ନୀଳକଣ୍ଠେଶର ଓ ମା' ଶାନ୍ତାନାରାୟଣୀ ମନ୍ଦିର ପରିଚାଳନା ନ୍ୟାସ ମଣ୍ଡଳୀ, ଭିଏସଏସନଗର ତରଫରୁ ଭାଗବତ ସପ୍ତାହ ପାଳିତ ହୋଇଯାଇଛି। ଅକ୍ଟୋବର ୨୫ରୁ ୩୧ ପର୍ଯ୍ୟନ୍ତ ପ୍ରବଚକ ଡ. ରାଧାନାଥ ପଣ୍ଡା ଉତ୍ସବରେ ଯୋଗଦେଇ ଭକ୍ତବୃନ୍ଦଙ୍କୁ ଭାଗବତର ସାରମର୍ମ ତଥ୍ୟ ପରିବେଷଣ କରିଥିଲେ। ସେ ଭାଗବତର ଆଧ୍ୟାତ୍ମ ଜ୍ଞାନର ଗୁଢ ରହସ୍ୟକୁ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ଏହାର ଅନୁଗାମି ଇହଲୋକ ତଥା ପରଲୋକରେ ସୁଖ ଶାନ୍ତି ଲାଭ କରିଥାନ୍ତି। ପ୍ରତ୍ୟେକ ଗୃହସ୍ଥ ପ୍ରତିଦିନ ଏହାର ଅଧ୍ୟୟନ ମନନ କରି ଆଚରଣ ସିଦ୍ଧି ହେବା ଉଚିତ୍ ବୋଲି ସେ କହିଥିଲେ। ମନ୍ଦିର ପରିଚାଳନା ସଭାପତି ଦେବବ୍ରତ ପଟ୍ଟନାୟକଙ୍କ ସମେତ ଡ. ଗୋବିନ୍ଦ ଚନ୍ଦ୍ର ନାୟକ, ସମ୍ପାଦକ କୈଳାସ ଚନ୍ଦ୍ର ମିଶ୍ର, ସଭ୍ୟ ହୃଦୟରାମ ବ୍ରହ୍ମା, ଇଂ. ଶିବ ପ୍ରସାଦ ମିଶ୍ର, ଡା. କୁମୁଦ ଚନ୍ଦ୍ର ମିଶ୍ର, ଦେବେନ୍ଦ୍ର ବିଶ୍ୱାଳ ଏବଂ ଅନ୍ୟାନ୍ୟ ଭକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମନ୍ଦିରର ମୁଖ୍ୟ ପୂଜକ ଉମେଶ ରଥଙ୍କ ସମେତ ଶରତ ଦିକ୍ଷୀତ, ଭାଗ୍ୟ ମହାପାତ୍ର, ସନ୍ତୋଷ ମିଶ୍ର ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ।

# ଭୁବନେଶ୍ୱରରେ ସ୍ଥାପନ ହେବ ଦେଶର ପ୍ରଥମ ମହିଳାଗୋଷ୍ଠୀ ବେତାର କେନ୍ଦ୍ର 'ରେଡିଓ ବ୍ଲୁ'

ଭୁବନେଶ୍ୱର, ୧।୧୧ (ବନ୍ଦନା ସେଠୀ)

ଭୁବନେଶ୍ୱରରେ ଖୁବ୍‌ଶୀଘ୍ର ଭାରତର ପ୍ରଥମ ମହିଳା ଗୋଷ୍ଠୀ ବେତାର କେନ୍ଦ୍ର 'ରେଡିଓ ବ୍ଲୁ' ଆରମ୍ଭ ହେବାକୁ ଯାଉଛି। 'ଏସିଡିସିଆର' (ଏସିଆ ସେଣ୍ଟର ଫର୍ ଡେଭଲପ୍‌ମେଣ୍ଟ କମ୍ୟୁନିକେସନ ଆଣ୍ଡ୍ ରିସର୍ଚ୍ଚ)କୁ ଏହି କମ୍ୟୁନିଟି ରେଡିଓ ସ୍ଥାପନ ପାଇଁ ଭାରତ ସରକାରଙ୍କ ଦୂରସଞ୍ଚାର ମନ୍ତ୍ରଣାଳୟରୁ ଲାଇସେନ୍ସ ମିଳିଛି। ରେଡିଓ ବ୍ଲୁ' ଦେଶର ଏକମାତ୍ର କମ୍ୟୁନିଟି ରେଡିଓ ହେବ ଯାହା କେବଳ ମହିଳାମାନଙ୍କ ନେତୃତ୍ୱ ଓ ଭାଗିଦାରୀରେ ଚାଲିବ। ଏହାଦ୍ୱାରା ମହିଳାମାନଙ୍କ ସ୍ୱରକୁ ସକ୍ରିୟ ରଖିବାରେ ଏକ ନୂଆ ଦୃଷ୍ଟିକୋଣ ଆସିବା ସହିତ ମହିଳାମାନଙ୍କ ସଶକ୍ତିକରଣ କ୍ଷେତ୍ରରେ ନବଦିଗନ୍ତ ସୃଷ୍ଟି ହେବ। ଏହି ବେତାରକେନ୍ଦ୍ର ଭୁବନେଶ୍ୱର ସହର ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳଗୁଡିକୁ ଶୁଣାଯିବା ସହ ଏହି ଅଞ୍ଚଳର ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେବ। ଭାରତରେ ବର୍ତ୍ତମାନ ୫୨୦ରୁ ଅଧିକ କମ୍ୟୁନିଟି ରେଡିଓ ପ୍ରସାରଣ ହେଉଥିବାବେଳେ, ଓଡ଼ିଶାରେ ୪୨ଟି ଚାଲୁ ରହିଛି। ରେଡିଓ ବ୍ଲୁ' ମହିଳାମାନଙ୍କର ଦୈନନ୍ଦିନ ଜୀବନରେ ସୁଖଦୁଃଖର ସାଥୀ ହେବା ସହ ସେମାନଙ୍କର ବାର୍ତ୍ତାବହ ହେବ ବୋଲି ଏହାର ନିର୍ଦ୍ଦେଶିକା ଏସ୍. କାଜଲ କହିଛନ୍ତି।

# ଚକ୍ରବ୍ୟୂହରୁ ଫେରିବାର ବାଟ ଖୋଜୁଛି ଅଭିମନ୍ୟୁ

### ଅଶ୍ରୁମୋଚନ ମହାନ୍ତିଙ୍କୁ 'ସାଧନା ସମ୍ମାନ'

ଭୁବନେଶ୍ୱର, ୧।୧୧ (ବନ୍ଦନା ସେଠୀ)

ଆଜିର ସମାଜ କଳୁଷିତ ହେବାରେ ଲାଗିଛି। ବିବେକ, ମାନବିକତା ସେମାନଙ୍କ ପାଖରେ କବର ନେଇସାରିଛି। ହିଂସା, ଅନ୍ୟାୟ, ଅନୀତି, ଅସତ୍ୟ ପଥର ଯାତ୍ରୀ ହୋଇ ଯୁବସମାଜ ଅବାଟକୁ ଚାଲି ଯାଉଛନ୍ତି। ହିଂସା, ଅନ୍ୟାୟ, କାମ, କ୍ରୋଧ, ଲୋଭ, ମୋହ ଓ ଅଜ୍ଞତାର ବଶବର୍ତ୍ତୀ ହୋଇ ଜଘନ୍ୟ ଅପରାଧ ଘଟେଇବାକୁ ପଛ ଘୁଞ୍ଚା ଦେଉନି ଯୁବ ସମାଜ। ମାତ୍ର କ୍ଷଣିକ ଭାବନାର ବଶବର୍ତ୍ତୀ ହୋଇ କାଣ୍ଡ ଘଟାଇବା ପରେ ଏସବୁର ଅନ୍ତିମ ପରିଣତି କେତେ ଯେ ଭୟାନକ ସେ ନିଜେ ବି ଜାଣି ପାରୁ ନାହାନ୍ତି। ମହାଭାରତ ଯୁଦ୍ଧରେ ଅଭିମନ୍ୟୁ ଚକ୍ରବ୍ୟୂହ ଭିତରକୁ ପ୍ରବେଶ କରିଥିଲେହେଁ, ଆଉ ଫେରି ପାରି ନ ଥିଲେ। ସେମିତି ଆଜିର ଯୁବ ସମାଜ ଅପରାଧର ଚକ୍ରବ୍ୟୂହକୁ



ଅତି ସହଜରେ ପ୍ରବେଶ କରିଯାଉଛନ୍ତି, ମାତ୍ର ସେଠାରୁ ଆଉ ପଛକୁ ଫେରି ପାରୁଛନ୍ତି କି ନାହିଁ ତାହାକୁ ନେଇ ଗତିଶୀଳ ହୋଇଥିଲା ନାଟକ 'ଶୁଣନ୍ତୁ ହେ ଅଭିମନ୍ୟୁ ମାନେ'। ସାଧନା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ ନାଟ୍ୟ ସମାହାର କାର୍ଯ୍ୟକ୍ରମରେ ପରିବେଷିତ ହୋଇଥିଲା ଏହି ନାଟକ। ବିଦ୍ୟାକନକ ସୃଜନାନୁଷ୍ଠାନର କଳାକାରମାନେ ଏହାକୁ ପରିବେଷଣ କରିଥିବାବେଳେ ନିର୍ଦ୍ଦେଶନା ଦେଇଥିଲେ ସୋନିକା ସାହୁ ଏବଂ ନାଟ୍ୟ ରଚନା କରିଥିଲେ ହିମାଦ୍ରୀ।

ଏହି ଅବସରରେ ବରିଷ୍ଠ କଳାକାର ଅଶ୍ରୁମୋଚନ ମହାନ୍ତିଙ୍କୁ 'ସାଧନା ସମ୍ମାନ'ରେ ସମ୍ମାନୀତ କରାଯାଇଥିଲା। ସନ୍ଧ୍ୟାର ଅତିଥି ଭାବେ ବିଧାୟକ ତଥା ଅଭିନେତା ଆକାଶ ଦାସନାୟକ, ନାଟ୍ୟକାର ଧୀର ମଲ୍ଲିକ, ମିହିର ମେହେର, ଚଳଚ୍ଚିତ୍ର ଲେଖକ (ଫିଲ୍ମ ରାଇଟର୍) ଚିନ୍ମୟ ଦାସ ପଟ୍ଟନାୟକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ପରିଜା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶ୍ରୀନିବାସ ଘଟୁଆରୀ।



ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ସମାରୋହ ପାଳନ ଅବସରରେ ଅଧିକାରୀମାନେ ଶପଥପାଠ କରାଉଛନ୍ତି।



ଖବରକାଗଜ ବିତରକ ବାବାଜୀ ଚରଣ ମହାନ୍ତିଙ୍କ ବିୟୋଗରେ ଭୁବନେଶ୍ୱର ନ୍ୟୁଜ୍ ପେପର ସପ୍ଲାୟର୍ସ ଆସୋସିଏଶନ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ପଏଣ୍ଟରେ ନିରବ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ସଂକ୍ଷେପରେ

### ବେଆଇନ ବାଣ ଦୋକାନ ଉପରେ ପୋଲିସର ଚଢ଼ାଉ
#### ୨ ବ୍ୟବସାୟୀଙ୍କ ବିରୋଧରେ ମାମଲା ରୁଜୁ

ନିମାପଡ଼ା,୧।୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପୋଲିସ ପକ୍ଷରୁ କେତେକ ବେଆନ ବାଣ ଦୋକାନ ଉପରେ ଶୁକ୍ରବାର ଅଚାନକ ଚଢ଼ାଉ କରାଯାଇଥିଲା। ବେଆଇନ ବାଣ ବିକ୍ରି ଅଭିଯୋଗରେ ପୋଲିସ ୨ ବ୍ୟବସାୟୀଙ୍କ ବିରୋଧରେ ପୃଥକ ପୃଥକ ମାମଲା ରୁଜୁ କରିଛି। ବ୍ୟବସାୟୀଦ୍ୱୟ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଭଗବାନସନ୍ଦରା ଗ୍ରାମର ଶିଶିକାନ୍ତ ସ୍ୱାଇଁ ଓ ବିପିନ ଭୋଳ। ଏମାନେ ଗ୍ରାମ ନିକଟସ୍ଥ ଧନୁଆଁ ଛକଠାରେ ବାଣ ବିକ୍ରି କରୁଥିଲେ। ଚଢ଼ାଉ ବେଳେ ପୋଲିସ ବହୁପରିମାଣର ବାଣ ଜବତ କରିଛି। ପୋଲିସ ୨ଜଣ ବ୍ୟବସାୟୀଙ୍କ ବିରୋଧରେ କେସ (ନଂ.୩୪୨/୨୪, ୩୪୩/୨୪)ରେ ପୃଥକ ପୃଥକ ଭାବେ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସର ଚଢ଼ାଉ ଯୋଗୁ ବେଆଇନ ବାଣ ବିକ୍ରେତାଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ବାଣ ବିକ୍ରି ଓ ବାଣ ଫୁଟାଇବା ଦିଗରେ ପୋଲିସ ପକ୍ଷରୁ କଡ଼ା କଟକଣା ଜାରି କରାଯାଇଛି। କଟକଣା ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ବାମଦେବ ସ୍ୱାଇଁ କହିଛନ୍ତି।

### ଟ୍ରେନ୍‌ରୁ ୧୫୦ ଗୁଳି ଜବତ ଘଟଣାର ତଦନ୍ତ ଚାଲିଛି: ଏସ୍‌ପି

ପୁରୀ,୧।୧୧(ଅଜିତ୍ କୁମାର ମହାନ୍ତି)

ଗତ ୩୦ ତାରିଖ ସନ୍ଧ୍ୟାରେ ପୁରୀ ରେଳ ଷ୍ଟେଶନରେ ଅଟକିଥିବା ପୁରୁଷୋତ୍ତମ ଏକ୍ସପ୍ରେସ୍‌ରୁ ୧୫୦ଟି ଜୀବନ୍ତ ଗୁଳିକୁ ରେଲୱେ ପୋଲିସ ଜବତ କରିଥିଲା। ଏସ୍-୨ ସ୍ଲିପରକୋଚ ବଗିର ସିଟ୍ ତଳେ ଏକ କଳା ରଙ୍ଗର ବ୍ୟାଗରୁ ୧୫ଟି ପ୍ୟାକେଟ୍‌ରେ ଥିବା ଏହି ଗୁଳି ମିଳିଥିଲା। ଏନେଇ ଜିଆର୍‌ପି ଏକ କେସ୍ (ନଂ. ୯୦/୨୪) ରୁଜୁ କରି ଆର୍ମ୍ସ ଆକ୍ଟରେ ତଦନ୍ତ କରୁଛି। ତେବେ ଗୋଟିଏ ନୁହେଁ, ଏକାଧିକ ବ୍ୟାଗରେ ଏପରି ଗୁଳି ଟ୍ରେନରେ ଆସିଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ କହିଛନ୍ତି, ଏନେଇ ତଦନ୍ତ ଚାଲିଛି। ଜିଲା ପୋଲିସ ତଦନ୍ତକାରୀ ସଂସ୍ଥା ସହ ଯୋଗାଯୋଗରେ ରହିଛି। ସମସ୍ତ ସହଯୋଗ ସହ ସୁରକ୍ଷା ପ୍ରଦାନ କରାଯିବ ବୋଲି ଏସ୍‌ପି କହିଛନ୍ତି।

### 'ଗଜପତି ମହାରାଜା ଇସ୍କନ ସହ ଆଲୋଚନା କରନ୍ତୁ'

ପୁରୀ,୧।୧୧(ଅଜିତ୍ କୁମାର ମହାନ୍ତି)

ଇସ୍କନ ପକ୍ଷରୁ କରାଯାଉଥିବା ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରାକୁ ଶ୍ରୀଜଗନ୍ନାଥଙ୍କ ବାଡଗ୍ରାହୀ ତଥା ବରିଷ୍ଠ ଦଇତାପତି ସେବକ ଜଗନ୍ନାଥ ସ୍ୱାଇଁ ମହାପାତ୍ର ନାପସନ୍ଦ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସ୍ୱାଇଁ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ପର୍ବପର୍ବାଣି ନିର୍ଦ୍ଦିଷ୍ଟ ତିଥିରେ ପାଳନ କରାଯାଇଥାଏ। ପରମ୍ପରା ଅନୁଯାୟୀ, ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟାରେ ଘୋଷଯାତ୍ରା ଓ ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନଯାତ୍ରା କରାଯାଏ। ତେବେ ଇସ୍କନର ନୀତି ବିରୋଧୀ ରଥଯାତ୍ରା ଭଳି କାର୍ଯ୍ୟକୁ କେବେ ଗ୍ରହଣ କରାଯିବ ନାହିଁ। ଗଜପତି ମହାରାଜା ନିଜେ ଆମେରିକା ଯାଇ ଇସ୍କନ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଅଦିନିଆ ରଥଯାତ୍ରାକୁ ବନ୍ଦ କରିବା ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ସେ ମତ ରଖିଛନ୍ତି।

# ମହାଭୈରବୀ ବେଶରେ ଦର୍ଶନ ଦେଲେ ମା' ଦକ୍ଷିଣକାଳୀ

ସାକ୍ଷୀଗୋପାଳ,୧।୧୧(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)



ମା' ଦକ୍ଷିଣକାଳୀ ପୂଜା ପାଇଁ ଶୁକ୍ରବାର ସତ୍ୟବାଦୀ ବ୍ଲକର ବୀରଗୋବିନ୍ଦପୁର ଗ୍ରାମ ଉତ୍ସବମୁଖର ହୋଇଉଠିଥିଲା। ଗୁରୁବାର ବିଳମ୍ବିତ ରାତିରେ ଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ପ୍ରତିଷ୍ଠା ହୋମ, ପ୍ରାଣ ପ୍ରତିଷ୍ଠା, ଜୀବନ୍ୟାସ, ମହାଭୈରବୀ ବେଶ, ଜପ, ବାମାଙ୍ଗୀ ପୂଜା, ଉପଚାର, ଆଳତି, ନୈବେଦ୍ୟ ଅନୁଷ୍ଠିତ ହୋଇଥିଲା। ମା'ଙ୍କର ଅତିପ୍ରିୟ ମହାପ୍ରସାଦ ଲାଗି, ପୋଡ଼ାବଳି ଅର୍ପଣ କରାଯାଇଥିଲା। ସ୍ୱତନ୍ତ୍ର ଯନ୍ତ୍ର ସ୍ଥାପନ, ତନ୍ତ୍ରପୂଜା ପରେ ଶାନ୍ତିପଣା ଭୋଗଲାଗି କରାଯାଇ ଶୁକ୍ରବାର ଭୋର ସମୟରେ ମୃଣ୍ମୟୀ ମୂର୍ତ୍ତି ଦେବୀ ପ୍ରତିମାଙ୍କ ବିସର୍ଜନ ନୀତି କରାଯାଇଥିଲା। ପରେ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ଶୃଙ୍ଖଳିତ ଦର୍ଶନ ନିମନ୍ତେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଥିଲା। ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ସତ୍ୟବାଦୀ ଥାନା ଆଇଆଇସି ଉମେଶ କୁମାର ସାହୁଙ୍କ ସମେତ ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି, ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ବିଡିଓ ଲିପ୍ସା ରାୟ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ। ଭିଡ଼ ନିୟନ୍ତ୍ରଣ ନିମନ୍ତେ ୩ ଡିଏସ୍‌ପି, ୮ଇନ୍ସପେକ୍ଟର, ୪୫ କନ୍‌ଷ୍ଟେବଳ ଓ ୮୬ଜଣ ଗୃହରକ୍ଷୀଙ୍କ ସମେତ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଭକ୍ତଙ୍କ ଦର୍ଶନ ସହିତ ଆଶୁଚିକିତ୍ସା, ପାନୀୟଜଳ, ପରିମଳ, ବିଦ୍ୟୁତ୍ ସେବା ଏବଂ ପାର୍କିଂ ବ୍ୟବସ୍ଥା ହୋଇଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା ନିମନ୍ତେ ଏକ ଟିମ୍ ସହ ଅଧିକାରୀ ମନୋଜ ପାତ୍ର ଉପସ୍ଥିତ ଥିଲେ। ମୁଖ୍ୟ ପୂଜକ ଅଗାଧୁ ଦୀକ୍ଷିତ, ପ୍ରଫୁଲ୍ଲ ଦୀକ୍ଷିତ, କାଶୀନାଥ ମିଶ୍ର ପ୍ରମୁଖ ପୂଜାନୀତି ସମ୍ପନ୍ନ କରିଥିଲେ।

### କାଳୀପୂଜା ପାଇଁ ବୀରଗୋବିନ୍ଦପୁର ଚଳଚଞ୍ଚଳ

ପୂଜା କାର୍ଯ୍ୟରେ ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ଦେବୀଦତ୍ତ ନନ୍ଦ, ଚନ୍ଦ୍ରଶେଖର ନନ୍ଦ, ପ୍ରକାଶ ଚନ୍ଦ୍ର ନନ୍ଦ ଓ ପଣ୍ଡିତ ବିଶ୍ୱଭୂଷଣ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ। ଗ୍ରାମ କୋଠ କମିଟି ସଭାପତି ଆଦିତ୍ୟ ନନ୍ଦ ଓ ସମ୍ପାଦକ ଅବିନାଶ ଆଚାର୍ଯ୍ୟଙ୍କ ସମେତ ସଦସ୍ୟମାନେ ଯାତ୍ରା ପରିଚାଳନା କରିଥିଲେ। ବିଳମ୍ବିତ ରାତିରେ ବୀରଗୋବିନ୍ଦପୁରରେ ମା' ଦକ୍ଷିଣକାଳୀ, ବୀରପ୍ରତାପପୁରରେ ମା' କାମରୂପା ଓ ସମାଯାଜପୁରରେ ମା' ଉଗ୍ରତାରା ୩ ଭଉଣୀ ଭାବେ ପୂଜା ପାଉଥିବା ଦେବୀମାନଙ୍କର ବିସର୍ଜନ ଶୋଭାଯାତ୍ରା ଘଣ୍ଟ, ଘଣ୍ଟା, କାହାଳୀ, ଛତିତ୍ରାସ ସହିତ ଯାଇ ଚନ୍ଦନପୁରରେ ପହଞ୍ଚିବା ପରେ ଭାର୍ଗବୀ ନଦୀରେ ଭସାଣି ହୋଇଥିଲା।



ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଆୟୋଜିତ ଜଗନ୍ନାଥାୟନ ଅବସରରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

### ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ସମୂହ ଦୀପଦାନ

ପିପିଲି,୧।୧୧(ଦୁର୍ଗାମାଧବ ମିଶ୍ର)

ପିପିଲି ସଚେତନ ନାଗରିକ ମଞ୍ଚ ଏବଂ ଆମିତି ଇଣ୍ଡିଆ ଚାରିଟେବଲ୍ ଟ୍ରଷ୍ଟ ସଦସ୍ୟମାନେ ଏହାକୁ ନିଆରା ଢଙ୍ଗରେ ଦୀପାବଳି ପାଳନ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଉକ୍ତ ସଂଗଠନର ରମେଶ ଚନ୍ଦ୍ର ଶତପଥୀ, ସୁରେଶ ରଥ, ଧନେଶ୍ୱର ମିଶ୍ର, ଅକ୍ଷୟ ଦେ ଏବଂ ଖବରଦାତା ପ୍ରଭାତ ମହାପାତ୍ରଙ୍କ ସମେତ ଅନ୍ୟ ସଦସ୍ୟମାନେ ପିପିଲି ପ୍ରବେଶ ପଥରେ ଥିବା ଶ୍ମଶାନ ଠାରେ ଏକାଠି ହୋଇ ପିତୃପୁରୁଷଙ୍କ ଅମର ଆତ୍ମାର ସଦ୍‌ଗତି କାମନା ଉଦ୍ଦେଶ୍ୟରେ ସମୂହ ଦୀପଦାନ କରିଥିଲେ।

### ନାଟକ 'ଦାନାପାଣି' ମଞ୍ଚସ୍ଥ

ପୁରୀ,୧।୧୧(ଅଜିତ୍ କୁମାର ମହାନ୍ତି)

ନାଟ୍ୟକାର ହରିହର ମିଶ୍ରଙ୍କ ସ୍ମୃତିରେ ନାଟକ 'ଦାନାପାଣି' ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଯାଇଛି। ଥିଏଟର ଡିଜାଇନର୍ଜ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ଅଭିନେତା ପ୍ରସନ୍ନ କୁମାର ମିଶ୍ର, ସଂସ୍କୃତି ଗବେଷକ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସଂଗଠକ ଚକ୍ରଧର ମହାପାତ୍ର, ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ରବି ନାରାୟଣ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରର ଦିବଂଗତ ମିଶ୍ରଙ୍କ ସହଧର୍ମିଣୀ ରାଜଲକ୍ଷ୍ମୀ ମିଶ୍ରଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ନାଟ୍ୟ ନିର୍ଦ୍ଦେଶକ ଭରତ କୁମାର ନାୟକ ଓ ଅଭିନନ୍ଦନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଦିବଂଗତ ହରିହର ମିଶ୍ର ଏହି ଅନୁଷ୍ଠାନର ସଭାପତି ଥିଲେ। ଏହି ନାଟକର ମୂଳ ରଚନା ଜ୍ଞାନପୀଠ ପୁରସ୍କାର ବିଜେତା ଗୋପୀନାଥ ମହାନ୍ତି କରିଥିବାବେଳେ ସ୍ୱର୍ଗତ ହରିହର ମିଶ୍ର ନାଟ୍ୟରୂପ ଦେଇଥିଲେ। ସଙ୍ଗୀତ- ଶକ୍ତି ମିଶ୍ର ଓ ନିର୍ଦ୍ଦେଶନା ଦେଇଥିଲେ ରବି ନାରାୟଣ ତ୍ରିପାଠୀ। ଅଭିନୟରେ ସଂଗ୍ରାମ କେଶରୀ ଦାଶ, ଉମା ସାହା, ରବିନାରାୟଣ ତ୍ରିପାଠୀ, ସରୋଜ କୁମାର ସାହୁ, କାଳୁ ଦାଶ, ଅଜୟ ମହାନ୍ତି, ଅନୁପ କୁମାର ଷଡ଼ଙ୍ଗୀ, ନାରାୟଣ ରାଉତ, ମିହିର କୁମାର ଶତପଥୀ, ଆକାଶ ପରିଡ଼ା ପ୍ରମୁଖ ଅଭିନୟ କରିଥିଲେ।

# ଶ୍ରୀମନ୍ଦିର ସମ୍ମୁଖରେ ବଡ଼ବଡୁଆ ଡାକିଲେ



ପୁରୀ,୧।୧୧(ଅଜିତ୍ କୁମାର ମହାନ୍ତି)

ପବିତ୍ର ଦୀପାବଳି ଅମାବାସ୍ୟା ଅବସରରେ ଶ୍ରୀମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କାଉଁରିଆ କାଠି ଜାଳି ବଡ଼ବଡୁଆ ଡାକିବା ସହ ଶ୍ରାଦ୍ଧ ଦେଇଛନ୍ତି। ଏଥିଲାଗି ପ୍ରଶାସନ ପକ୍ଷରୁ ସ୍ଥାନ ନିରୂପଣ କରାଯାଇଥିଲା। ତେବେ କେତେକ ପାଞ୍ଜିରେ ଗୁରୁବାର ଓ ଶୁକ୍ରବାର ଅମାବାସ୍ୟା ନେଇ ସୂଚନା ଥିବାରୁ ଶ୍ରଦ୍ଧାଳୁମାନେ ସେମାନଙ୍କ ସୁବିଧା ଅନୁଯାୟୀ ବଡବଡୁଆ ଡାକିଥିଲେ। ଶ୍ରୀମନ୍ଦିର ଅନୁମୋଦିତ ପାଞ୍ଜିରେ ଶୁକ୍ରବାର ଅମାବାସ୍ୟା ପାଳନ ନିମନ୍ତେ ଉଲ୍ଲେଖ ଥିବାରୁ ପୁରୀବାସୀଙ୍କ ସହ ଅନେକ ଶ୍ରଦ୍ଧାଳୁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦେଇଥିଲେ। ପୋଲିସ ଓ ଜିଲା ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା ସହ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଅଘଟଣକୁ ଏଡାଇବା ପାଇଁ ଅଗ୍ନିଶମ କର୍ମଚାରୀ ବ୍ୟାରିକେଡ ପାଖରେ ମୁତୟନ ଥିଲେ।

### ବାଣ ଫୁଟାଇ ଦୀପ ଜାଳି ଦୀପାବଳି ପାଳିଲେ ପୁରୀବାସୀ

ସମୁଦ୍ରକୂଳରେ ଲାଇଫଗାର୍ଡ ନିୟୋଜିତ ଥିଲେ। ଶ୍ରଦ୍ଧାଳୁମାନେ କାଉଁରିଆ ଜାଳିବା ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଅପରପକ୍ଷରେ ବଡ଼ଦାଣ୍ଡରୁ ଉଚ୍ଛେଦ ହୋଇଥିବା ଉଠାଦୋକାନୀମାନେ କିଛି ଦିନ ହେବ ପୁନଃ ଥଇଥାନ ଦାବି କରି ବଡ଼ଦାଣ୍ଡରେ ଧାରଣା ଦେଉଛନ୍ତି। ସେମାନେ ଧାରଣାସ୍ଥଳରେ ଦୀପଜାଳି ଦୀପାବଳି ପାଳନ କରିଥିବା ଦେଖିବାକୁ ମିଳିଛି। ସନ୍ଧ୍ୟାରେ ପୁରୀବାସୀ ବାଣ ଫୁଟାଇ ଓ ଦୀପଜାଳି ଦୀପାବଳି ପାଳିଥିଲେ। ଲୋକେ ବିଭିନ୍ନ ଆଲୋକମାଳାରେ ଘରଗୁଡ଼ିକୁ ସଜାଇଥିଲେ। ଅଘଟଣକୁ ଏଡାଇବା ପାଇଁ ପୋଲିସ ପ୍ରଶାସନ ସଜାଗ ରହିଥିଲା। ଶ୍ରୀମନ୍ଦିର ତଥା ଶ୍ରୀମନ୍ଦିର ବାହାରେ ୨୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।




ସିଂହଦ୍ୱାର ସମ୍ମୁଖରେ ଶ୍ରଦ୍ଧାଳୁମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦେଉଛନ୍ତି ।



ନିମାପଡା ପାଟପୁରସ୍ଥିତ ମା' ଦକ୍ଷିଣକାଳୀ । (ଫଟୋ-ରଞ୍ଜନ ପଟ୍ଟନାୟକ)

# ୭ମାସ ପର୍ଯ୍ୟନ୍ତ ମାଛଧରା ଉପରେ କଟକଣା

ଅସ୍ତରଙ୍ଗ,୧।୧୧(ମମତା ଜେନା/ ପ୍ରଦୀପ୍ତ କୁମାର ଦୀକ୍ଷିତ)



ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ଋତୁ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ନଭେମ୍ବର ୧ତାରିଖରୁ ଆଗାମୀ ୭ମାସ ପର୍ଯ୍ୟନ୍ତ ସମୁଦ୍ରରେ ମାଛଧରା ଉପରେ କଟକଣା ଜାରି କରାଯାଇଛି। ମେ' ୩୧ ତାରିଖ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ସମୁଦ୍ରକୂଳରୁ ୨୦ କି.ମି. ପର୍ଯ୍ୟନ୍ତ ମାଛଧରା ନିଷେଧ କରାଯାଇଛି। ଏଥିସହ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ସହ ଋଷିକୁଲ୍ୟା, ଧାମରା ଓ ଦେବୀ ନଦୀ ମୁହାଣରେ ମାଛ ଧରିବା ଉପରେ ରୋକ୍ ଲାଗିଛି।

ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ଏହି କଟକଣା ଲାଗିଛି। ନଭେମ୍ବର ୧ରୁ ମେ' ୩୧ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ଶହ ଶହ ନଟିକାଲ ମାଇଲ ଅତିକ୍ରମ କରି ଅଲିଭ୍ ରିଡ୍‌ଲେ କଇଁଛ ସେମାନଙ୍କ ବଂଶ ବିସ୍ତାର ପାଇଁ ଆସିଥାନ୍ତି। କଇଁଛମାନେ ପ୍ରଜନନ କରିବା ପରେ ଅଣ୍ଡା ଦେଇ ଛୁଆ ହେବା ପରେ ପୁଣି ନିଜ ନିଜ ଅଞ୍ଚଳକୁ ଫେରିଯାଇଥାନ୍ତି। ଏହି ସମୟରେ ମାଛ ଧରିଲେ କଇଁଛମାନଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ କଟକଣାକୁ କଡ଼ାକଡ଼ି କରାଯାଇଥିବା ରାଜନଗର ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ଟ୍ରଲର ଚଳାଚଳ ଯୋଗୁ କଇଁଛ ମରୁଥିବାରୁ ବନ ବିଭାଗ ଏହି ଅଞ୍ଚଳରେ ତୀକ୍ଷ୍ଣ ନଜର ରଖିଛି। ସମୁଦ୍ର ଉପକୂଳଠାରୁ ୨୦ ମାଇଲ ପର୍ଯ୍ୟନ୍ତ କୌଣସି ଯନ୍ତ୍ରଚାଳିତ ଡଙ୍ଗା କିମ୍ବା ଟ୍ରଲର ସମୁଦ୍ର ମଧ୍ୟକୁ ପ୍ରବେଶ ଉପରେ ବାରଣ କରାଯାଇଛି। ଏହି ନିୟମକୁ ଯେଉଁ ମତ୍ସ୍ୟଜୀବୀ ଉଲ୍ଲଂଘନ କରିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇ ଦିଆଯାଇଛି। ଶୀତଦିନ ଆରମ୍ଭ ହେଉଥିବାରୁ ଅଲିଭ ରିଡ୍‌ଲେ କଇଁଛ

### ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦାନ ଋତୁ ଆରମ୍ଭ

ଏହି ସମୟରେ ଅଣ୍ଡାଦାନ ପାଇଁ ଉପକୂଳ ଆଡ଼କୁ ଆସିଥାନ୍ତି। ସେମାନଙ୍କ ସୁରକ୍ଷା ସହିତ ବିରଳ ମାଛବଂଶ ବୃଦ୍ଧି, ପ୍ରଜନନ ଓ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

ଅସ୍ତରଙ୍ଗ ଦେବୀ ନାସିଠାରୁ କେଳୁଣି ମୁହାଣ ସମୁଦ୍ରରେ ମାଛ ଧରିବା ଉପରେ ସାମୁଦ୍ରିକ ମତ୍ସ୍ୟ ବିଭାଗ ଓ ଜଙ୍ଗଲ ବିଭାଗ ପକ୍ଷରୁ ଏହି କଟକଣା ଜାରି କରାଯାଇଛି। କଟକଣା ଉଲ୍ଲଂଘନ କଲେ ଟ୍ରଲର ଓ ଡଙ୍ଗା ଜବତ କରାଯିବା ସହ ମାଛ ପରିମାଣ ଯେତିକି ଥିବ ୫ଗୁଣା ଜରିମାନା ଅଧିକ ଲାଗିବ ବୋଲି ଜିଲା ଅତିରିକ୍ତ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ କହିଛନ୍ତି। ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ବିଭାଗ ତରଫରୁ ୧୫ଟି କ୍ୟାମ୍ପ, ୧୪ଟି ହାଚେରି, ୩୦ଟି ଟର୍ଟଲ ପ୍ରୋଟେକ୍ସନ କ୍ୟାମ୍ପ, ୪ଟି ରେଞ୍ଜ ଅଞ୍ଚଳରେ କର୍ମଚାରୀ ମୁତୟନ ରହିବେ ବୋଲି ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ବିବେକ କୁମାର ସୂଚନା ଦେଇଛନ୍ତି।

# ଅସ୍ତରଙ୍ଗର ବିଭିନ୍ନ ସ୍ଥାନରେ କାଳୀପୂଜା

ଅସ୍ତରଙ୍ଗ,୧।୧୧ (ମମତା ଜେନା/ପ୍ରଦୀପ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ନଗର ପଞ୍ଚାୟତ ଦକ୍ଷିଣପନ୍ତାଳ ପଶ୍ଚିମେଶ୍ୱର ମନ୍ଦିର ନିକଟରେ ଚଳିତବର୍ଷ ୧୯ତମ ମା' ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ଭଗବତୀ କ୍ଲବ୍ ଆୟୋଜନରେ ମା' ଭଗବତୀଙ୍କ ମନ୍ଦିର ପ୍ରାଙ୍ଗଣରେ ୧୬ତମ ମା 'କାଳୀପୂଜା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଅନୁଷ୍ଠାନର ସଦସ୍ୟ ତଥା ଗ୍ରାମର ମହିଳାମାନେ କଳସରେ ଜଳ ଆଣି କଳସ ସ୍ଥାପନା କରିଥିଲେ ଓ ସନ୍ଧ୍ୟାରେ ମା'ଙ୍କ ଘଟ ସ୍ଥାପନା କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଶୁକ୍ରବାର ସୂର୍ଯ୍ୟପୂଜା ଓ ଚଣ୍ଡୀ ପାଠ କରାଯାଇଛି। ଶନିବାର ପୂର୍ଣ୍ଣାହୁତି ଓ ପୁଷ୍ପାଞ୍ଜଳି ଅର୍ପଣ କରାଯିବ ବୋଲି କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପୂଜା କାର୍ଯ୍ୟକ୍ରମରେ କ୍ଲବ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ରହି ମା'ଙ୍କ ପୂଜାରେ ସହଯୋଗ କରିଥିଲେ। ପ୍ରତି ସନ୍ଧ୍ୟାରେ ଭଜନ ସମାରୋହ, ନାମ ସଂକୀର୍ତ୍ତନ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ରତ୍ନଭଣ୍ଡାରକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଛଡ଼ାଯାଉ: ଜଗନ୍ନାଥଙ୍କ ବାଡ଼ଗ୍ରାହୀ

ପୁରୀ,୧।୧୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ ଓ କୋଠରି ଥିବା ନେଇ ଅନେକ ଦିନ ହେବ ରାଜ୍ୟରେ ଚର୍ଚ୍ଚା ଲାଗିରହିଥିଲା। ତେବେ ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ କିମ୍ବା ଗୁପ୍ତ କୋଠରି ନ ଥିବା ଯାଞ୍ଚ ରିପୋର୍ଟରୁ ପ୍ରାଥମିକ ଭାବେ ସ୍ପଷ୍ଟ ହୋଇଛି ବୋଲି ଶୁକ୍ରବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସେହିପରି କାର୍ତ୍ତିକ ମାସ ପରେ ଏକମାସ ଧରି ଏଏସ୍‌ଆଇ ପକ୍ଷରୁ ରତ୍ନଭଣ୍ଡାର ମରାମତି କରାଯିବା ସହ ନୂଆବର୍ଷରୁ ଅଳଙ୍କାର ଗଣତିମଣତି ପ୍ରକ୍ରିୟା ଆରମ୍ଭ ହେବ ବୋଲି ହରିଚନ୍ଦନ ସୂଚନା ଦେଇଛନ୍ତି। ଫଳରେ ରତ୍ନଭଣ୍ଡାରରେ ଥିବା ରତ୍ନଅଳଙ୍କାର ସମ୍ପର୍କିତ ତଥ୍ୟ ଆଗାମୀ ଦିନରେ ସାର୍ବଜନୀନ ହେବା ନେଇ ସାଧାରଣରେ ଆଶା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଗତ ଜୁଲାଇ ୧୪ରେ ବାହାର ରତ୍ନଭଣ୍ଡାର ଖୋଲା ଯାଇଥିଲା ଓ ଭିତର ରତ୍ନଭଣ୍ଡାର ତାଲା କଟାଯାଇ ନୂତନ ତାଲା ପକାଯାଇଥିଲା। ଜୁଲାଇ ୧୮ରେ ଭିତର ରତ୍ନଭଣ୍ଡାରରୁ ସମସ୍ତ ଅଳଙ୍କାର ଅସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯାଇଥିଲା। ଜୁଲାଇ ୨୯ରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା (ଏଏସ୍‌ଆଇ) ସହ ବୈଠକ ଅନୁଷ୍ଠିତ ହୋଇଥିଲା। ଅଗଷ୍ଟ ୨୩ରେ ଭିତର ରତ୍ନଭଣ୍ଡାରରୁ ଖାଲିଥିବା ସିନ୍ଧୁକ, ଆଲମିରା ଆଦିକୁ ଖାଲି କରାଯାଇ ନୀଳାଦ୍ରି ମ୍ୟୁଜିୟମଠାରେ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଥିଲା। ତେବେ ଭିତର ରତ୍ନଭଣ୍ଡାର ଭିତରେ ଗୁପ୍ତ କୋଠରି ଓ ସୁଡ଼ଙ୍ଗ ଥିବା ନେଇ ଜନସାଧାରଣ ତଥା ସେବାୟତଙ୍କ ମନରେ ଆଶଙ୍କା ରହିଥିଲା। ରତ୍ନଭଣ୍ଡାର ମରାମତି ହେବା ପୂର୍ବରୁ ସ୍କାନିଂ କରି ଗୁପ୍ତ ସୁଡ଼ଙ୍ଗ କିମ୍ବା କୋଠରି ରହିଛି କି ନାହିଁ ସେ ସମ୍ପର୍କରେ ଯାଞ୍ଚ କରାଯାଇଥିଲା। ସେପ୍ଟେମ୍ବର ୧୮ରେ ଏଏସ୍‌ଆଇ ଟିମ୍ ସହ ସିଏସ୍‌ଆଇଆର୍ ଏବଂ ଏନ୍‌ଜିଆର୍‌ଆଇର ଭୂତତ୍ତ୍ୱବିତ୍‌ମାନେ ଭିତର ରତ୍ନଭଣ୍ଡାରକୁ ଲେଜର୍ ସ୍କାନିଂ କରିଥିଲେ। ସେପ୍ଟେମ୍ବର ୨୧ ଓ ୨୨ ତାରିଖରେ ପୁନର୍ବାର ଭିତର ରତ୍ନଭଣ୍ଡାରର ଜିପିଆର ସର୍ଭେ କରାଯାଇଥିଲା। ତେବେ ଭିତର ରତ୍ନଭଣ୍ଡାରରେ କୌଣସି ଗୁପ୍ତକୋଠରି କି ଗୁପ୍ତ ସୁଡଙ୍ଗ ନ ଥିବା ଯାଞ୍ଚ ରିପୋର୍ଟରୁ ପ୍ରାଥମିକ ଭାବେ ସ୍ପଷ୍ଟ ହୋଇଥିବା ଆଇନମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ଏ ନେଇ ବରିଷ୍ଠ ସେବାୟତ ସୋମନାଥ ଖୁଣ୍ଟିଆ କହିଛନ୍ତି, ରାଜ୍ୟ ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ହାଇକୋର୍ଟଙ୍କ ନିର୍ଦ୍ଦେଶ, ଖୋଦ୍ ଭଣ୍ଡାର ଦାୟିତ୍ୱରେ ଥିବା ଭଣ୍ଡାର ମେକାପ, ଗଜପତି ମହାରାଜା, ସେବାୟତ, ଭକ୍ତ ଓ କୋଟିକୋଟି ଜଗନ୍ନାଥପ୍ରେମୀ ରତ୍ନଭଣ୍ଡାର ଖୋଲିବାକୁ ବାରମ୍ବାର ଦାବି କରୁଥିଲେ ମଧ୍ୟ ତତ୍କାଳୀନ ସରକାର ପଦକ୍ଷେପ ନେଉ ନ ଥିଲେ। ଶ୍ରୀମନ୍ଦିର ରେକର୍ଡ ଅଫ୍ ରାଇଟସ୍ ମୁତାବକ ପ୍ରତ୍ୟେକ ତିନିବର୍ଷରେ ଥରେ ରତ୍ନଭଣ୍ଡାର ଖୋଲାଯାଇ ଅଳଙ୍କାର ଗଣତିମଣତି କରିବା ନିୟମ ରହିଛି। ହେଲେ ପୂର୍ବ ସରକାର ଥରୁଟିଏ ବି ରତ୍ନଭଣ୍ଡାର ଖୋଲିବାକୁ ସାହସ ଜୁଟାଇ ପାରି ନ ଥିଲେ। ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ କରି ଅଳଙ୍କାର ତାଲିକା ପ୍ରକାଶ କରାଯାଉ। ୧୯୭୮ ମସିହାର ତାଲିକା ସହ ସବୁ ଠିକ୍ ମେଳକ ହେଲେ ଲୋକଙ୍କ ସନ୍ଦେହ ଦୂର ହୋଇପାରିବ। ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଭାଜପା ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ କରୁଛନ୍ତି। ତେବେ ରତ୍ନଭଣ୍ଡାର ଭିତରେ ସୁଡ଼ଙ୍ଗ ଥିବା ନେଇ ଥିବା ସନ୍ଦେହ ଦୂର ହୋଇନାହିଁ। ସୁଡଙ୍ଗ ଥାଇପାରେ, ମାତ୍ର ସରକାର ସୁରକ୍ଷା ଦୃଷ୍ଟିରୁ କହୁ ନ ଥାଇପାରନ୍ତି। ତେଣୁ ରତ୍ନଭଣ୍ଡାରକୁ ଯିବା ସମୟରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଛଡ଼ାଯାଉ, ଫଳରେ ସେମାନେ ପ୍ରକୃତ ସତ୍ୟ ଜାଣି ଲୋକଙ୍କୁ ଜଣାଇପାରିବେ। ଫଳରେ ସମସ୍ତଙ୍କ ସନ୍ଦେହ ଦୂର ହୋଇପାରିବ।

### ସେବାୟତଙ୍କ ମତ: ଅଳଙ୍କାର ଗଣତି ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ

ରତ୍ନଭଣ୍ଡାରରେ ଫାଟ ଅଛି ବୋଲି ସରକାର କହୁଛନ୍ତି, ମାତ୍ର କେତେ ଫାଟ ରହିଛି ସେ ସମ୍ପର୍କରେ କିଛି କହୁନାହାନ୍ତି। ଅଳଙ୍କାର ଗଣତି ମଣତି କରାଯାଇ ମହାପ୍ରଭୁଙ୍କ ରଘୁନାଥ ବେଶ ଆୟୋଜନ କରାଯାଉ। ବରିଷ୍ଠ ସେବାୟତ ତଥା ପୂର୍ବତନ ନଗରପାଳ ଗୌରହରି ପ୍ରଧାନ କହିଛନ୍ତି, ରତ୍ନଭଣ୍ଡାରରେ ଥିବା ଅଳଙ୍କାର ଗଣତିମଣତି ହେବା ଆବଶ୍ୟକ। ଅତୀତରେ ରତ୍ନଭଣ୍ଡାରକୁ ନେଇ ଅନେକ ଆଲୋଚନା ହେଉଥିଲା। ଗଣତିମଣତି ପରେ ଲୋକଙ୍କ ମନରେ ଥିବା ଆଶଙ୍କା ଦୂର ହେବ। ତେବେ ମହାପ୍ରଭୁଙ୍କ ଅଳଙ୍କାର ଅତୀତରେ ଯାହା ରହିଥିଲା, ବର୍ତ୍ତମାନ ସେସବୁ ସୁରକ୍ଷିତ ଭାବେ ରହିଛି। ଗୋଟିଏ ବି ଅଳଙ୍କାର କମ୍ ହେବ ନାହିଁ ବୋଲି ଆଶା କରାଯାଉଛି। ରତ୍ନଭଣ୍ଡାର ମରାମତି କାର୍ଯ୍ୟ କରାଯିବା ଆବଶ୍ୟକ। ପ୍ରାଥମିକ ରିପୋର୍ଟରେ ସୁଡ଼ଙ୍ଗ ନ ଥିବା ଏବଂ ଫାଟ ଥିବା ଜଣାପଡ଼ିଥିବାବେଳେ ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ଆହୁରି ଅଧିକ ତଥ୍ୟ ଲୋକଲୋଚନକୁ ଆସିବ ବୋଲି ପ୍ରଧାନ ମତବ୍ୟକ୍ତ କରିଛନ୍ତି।

## ମା' ଶ୍ୟାମାକାଳୀଙ୍କୁ ଆବାହନ


ବୋଲଗଡ଼: ଗଡ଼ଦ୍ୱାର ଗଣେଶ ବଜାରସ୍ଥିତ ପୂଜା କମିଟି।


ବାଲୁଗାଁ ରାଜନ ମାର୍କେଟ।


କୃଷ୍ଣପ୍ରସାଦ ପଞ୍ଚାୟତ ଇପିଙ୍ଗ ଶ୍ୟାମାକାଳୀ ପୂଜା କମିଟି।


ଟାଙ୍ଗୀ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ।

# ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ସାଧୁତା, ସ୍ୱଚ୍ଛତା ଜରୁରୀ

**ଖୋର୍ଦ୍ଧା,୧।୧୧(ପ୍ରଭାତ ପାଣିଗ୍ରାହୀ)**

ଦୁର୍ନୀତି ଗଣତନ୍ତ୍ରର ଅର୍ଥନୀତି ବିକାଶରେ ବାଧକ। ଏହା ନୈତିକ ମୂଲ୍ୟବୋଧ କ୍ଷୁଣ୍ଣ କରିଥାଏ। ଦୁର୍ନୀତି ଦୈନିକ ଜୀବନଶୈଳୀରେ ପରିଣତ ହୋଇଗଲାଣି। ଦେଶର ଅର୍ଥନୈତିକ ପ୍ରଗତି ବାଧକ ସାଜିବା ସହ ଅପରାଧକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ। ସତ୍ୟନିଷ୍ଠ ସମାଜରେ ଗଭୀର ସମସ୍ୟା ସୃଷ୍ଟି କରେ। ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ସାଧୁତା, ସ୍ୱଚ୍ଛତା, ବିଶ୍ୱସନୀୟତା, ଉତ୍ତରଦାୟିତ୍ୱ ଜରୁରୀ। ଏହା ଅନ୍ୟ ପାଇଁ ପ୍ରେରଣା ଯୋଗାଇଥାଏ। ଏଥିସହିତ ଶିକ୍ଷା, ଶାସନକଳ, ବ୍ୟବସାୟିକ କ୍ଷେତ୍ର ସବୁଠି ନିଷ୍ଠା, ସାଧୁତା, ସଚ୍ଚୋଟତା ଜରୁରୀ। ଯୁବପିଢ଼ି ଦେଶର ଏକ ପ୍ରମୁଖ ସମ୍ବଳ। ଦୁର୍ନୀତି ମୂଳୋତ୍ପାଟନ ଦିଗରେ ଯୁବସମାଜର ପ୍ରମୁଖ ଭୂମିକା ରହିଛି। ଏକ ଉନ୍ନତ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ସତ୍ୟନିଷ୍ଠ ସମାଜ ଭିତ୍ତିଭୂମି ସୁଦୃଢ଼ ହେବା ଜରୁରୀ ବୋଲି ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି କହିଛନ୍ତି।

ଖୋର୍ଦ୍ଧା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ(ଡିଆଇପିଆର) ଏବଂ ସ୍ଥାନୀୟ ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ



ଜିଲାସ୍ତରୀୟ ସମାରୋହରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅଧିକାରୀ।

ଜିଲାସ୍ତରୀୟ ସମାରୋହ ଜିଲାପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି ଉପରେ ଆଲୋଚନା ହୋଇଥିଲା। ଡିଆଇପିଆରଓ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ ଜିଲାପାଳ ଚଞ୍ଚଳ ରାଣା ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଯେଉଁ ଜାଗାରେ ଅଛେ କିଛି ଉନ୍ନତିମୂଳକ କାର୍ଯ୍ୟ କରି ନିଜ ପାଇଁ ଉଦାହରଣ ସୃଷ୍ଟି କରିବା। ସାଧୁତା ସଚ୍ଚୋଟତା ସାଧାରଣ ଲୋକଙ୍କ ନିକଟରେ ପ୍ରଶଂସା ଆଣିଦେବ। ନିଜ ଆଚରଣରେ ପରିବର୍ତ୍ତନ ଆଣନ୍ତୁ। ନିଜ ଶିଶୁ ପାଇଁ ରୋଲ

### ଦୁର୍ନୀତି ନିବାରଣ ସପ୍ତାହ ଜିଲାସ୍ତରୀୟ ସମାରୋହ

ମଡେଲ ହୁଅନ୍ତୁ ବୋଲି କହିଥିଲେ। ମୁଖ୍ୟ ବକ୍ତା ଦୁର୍ନୀତି ନିବାରଣ ଭୁବନେଶ୍ୱର ଖଣ୍ଡ ଆରକ୍ଷୀ ଅଧୀକ୍ଷକ ଅନୁପମା ଜେମ୍ସ କହିଥିଲେ, ସରକାରୀ କାର୍ଯ୍ୟରେ ଉତ୍କୋଚ ଦାବି କରିବା ରୁଗ୍ଣ ମାନସିକତା। ଦୈନନ୍ଦିନ ଜୀବନଶୈଳୀରେ ପରିଣତ ହୋଇଗଲାଣି। ଦାୟିତ୍ୱ ପ୍ରତି ସଚେତନ ରହିବା ସହ ଆଗାମୀ ପିଢ଼ି ପାଇଁ ଦୁର୍ନୀତିକୁ ନା କରିବା, ସମସ୍ତଙ୍କ ମଧ୍ୟରେ ସମାନତା ଆଣିବା ପାଇଁ ପ୍ରଚେଷ୍ଟା କରିବା। ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନିଜକୁ ପରିବର୍ତ୍ତନ କରିବାକୁ କହିଥିଲେ। ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା କହିଥିଲେ, ଯାହା ନିଜକୁ ଭଲ ଲାଗେ ନାହିଁ, ତାହା ଅନ୍ୟଠୁ ଆଶା କରିବା ଉଚିତ ନୁହଁ। ସମାଜରେ ୧୦ପ୍ରତିଶତ ଲୋକ ଅଛନ୍ତି, ଯେଉଁମାନେ କାମ ନିଷ୍ଠା, ସଚ୍ଚୋଟତାର କରୁଛନ୍ତି। ଅନ୍ୟ ପାଇଁ ପ୍ରେରଣାର ଉତ୍ସ ହୁଅନ୍ତି, ଦାୟିତ୍ୱ ପ୍ରତି ଉତ୍ତରଦାୟୀ ରହିଲେ, ଦୁର୍ନୀତି ସ୍ପର୍ଶ କରିବ ନାହିଁ। ଅନ୍ୟତମ ଅତିଥି ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ପିଲାବେଳର ଏକ ଉଦାହରଣ ଦେଇ ପରିବାରରୁ ଏଥିପ୍ରତି ସଚେତନତା ଜରୁରୀ ବୋଲି କହିଥିଲେ। ଦୁର୍ନୀତି ଦ୍ୱାରା ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ମଧ୍ୟ ପ୍ରଭାବିତ ହୋଇଥାଏ। ପରିବାରରେ ଉତ୍ତମ ଶିକ୍ଷା, ଶୃଙ୍ଖଳା, ସାଧୁତା ପିଲାଙ୍କ ଜୀବନରେ ଗଭୀର ରେଖାପାତ କରିଥାଏ। ଅଭିଭାବକମାନେ ଏଥିପ୍ରତି ସଚେତନ ହେଲେ ଆଗାମୀ ଯୁବପିଢ଼ି ଶୃଙ୍ଖଳିତ, ଦାୟିତ୍ୱସମ୍ପନ୍ନ ଏବଂ ଦେଶର ପ୍ରଗତିରେ କର୍ଣ୍ଣଧାର ସାଜିବେ। ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ କହିଥିଲେ, ସର୍ଦ୍ଦାର ପଟେଲଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜ ପାଇଁ ଏକ ରୋଲ ମଡେଲ ହେବାକୁ ପରାମର୍ଶ ଦେଇଥିଲେ। ଲୋକଙ୍କ ହୃଦୟ ଜିଣିଲେ, ସମାଜରେ ପ୍ରତିଷ୍ଠା ପାଇବେ। ଏହି ଅବସରରେ ଭୁବନେଶ୍ୱର ୟୁନିଟ-୮ର ଏକ ବିଦ୍ୟାଳୟରୁ ଆସିଥିବା ଛାତ୍ର ଦୁନୀତି ମୁକ୍ତ ସମାଜ ଏବଂ ପିଲାଙ୍କ ସୁନିଶ୍ଚିତ ଭବିଷ୍ୟତ ପାଇଁ ଜିଲାପାଳ, ଏସ୍‌ପି ଏବଂ ଦୁନୀତି ନିର୍ବାରଣ ଏସ୍‌ପିଙ୍କ ସମେତ ଅନ୍ୟ ଅତିଥିମାନଙ୍କୁ ଶିଶୁ ଫ୍ରେଣ୍ଡଲି ସୂତା ଡୋରି ବାନ୍ଧି ଶିଶୁମାନଙ୍କ ଭବିଷ୍ୟତ ପାଇଁ ପ୍ରତ୍ୟେକସ୍ତରରେ ସଚେତନ ହେବାକୁ ଅନୁରୋଧ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଭାଗ ଅଧିକାରୀ ସମେତ ଶିକ୍ଷାନୁଷ୍ଠାନ, କଲେଜ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଅଖଣ୍ଡ ଭାରତ ଗଠନରେ ପଟେଲଙ୍କ ଅବଦାନ ଅତୁଳନୀୟ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ବେଗୁନିଆ,୧।୧୧(ହର ପ୍ରସନ୍ନ ପଣ୍ଡା)**

### ଦୟାନନ୍ଦ ଆଦର୍ଶ ଗୁରୁକୁଳରେ ରାଷ୍ଟ୍ରୀୟ ଏକତା ଦିବସ

ବେଗୁନିଆ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପରିଛଳ ଗ୍ରାମ ସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳ ଆନୁକୂଲ୍ୟରେ ଗୁରୁବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୯ତମ ଜନ୍ମଦିବସ ଅବସରରେ ଛାତ୍ରୀଛାତ୍ରମାନେ 'ଏକତା ପାଇଁ ଗଣଦୌଡ' କାର୍ଯ୍ୟକ୍ରମରେ ସାମିଲ ହୋଇ ବିଭିନ୍ନ ଦେଶାତ୍ମବୋଧକ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଗୁରୁକୁଳର ଅଧ୍ୟକ୍ଷ ପ୍ରତାପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାର ପ୍ରାରମ୍ଭରେ ଗାୟକ ବସନ୍ତ କୁମାର ଦାସ ବେଦ ପାଠ କରିଥିଲେ। ପରେ ସର୍ଦ୍ଦାର ପଟେଲଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ସହ ସଭାପତି ସମସ୍ତଙ୍କୁ ରାଷ୍ଟ୍ରୀୟ ଏକତା ସୁରକ୍ଷା ସମ୍ବନ୍ଧୀୟ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ସର୍ଦ୍ଦାର ପଟେଲଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ରସାୟନ ବିଜ୍ଞାନୀ ଡ. ହରିପ୍ରସାଦ ଦାସ ମୁଖ୍ୟ ଅତିଥି ଭାବେ ଏବଂ ପଣ୍ଡିତ ଗୋପାଳ ଚନ୍ଦ୍ର ସାଧକ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଅଖଣ୍ଡ ଭାରତ ଗଠନରେ ସର୍ଦ୍ଦାର ପଟେଲଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଗୁରୁମା' ସଞ୍ଜୁକ୍ତା ଭୋଇ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆର୍ଯ୍ୟସମାଜର ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ନିର୍ବାଣ ଉପଲକ୍ଷେ ଯଜ୍ଞ କାର୍ଯ୍ୟକ୍ରମ ହୋଇଥିଲା। ସାମାଜିକ କର୍ମୀ ଜଗଦୀଶ ଚନ୍ଦ୍ର ପାତ୍ର, ଲକ୍ଷ୍ମୀଧର ମହାରଣା, କିଶୋର ରଗଡ, ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର, ଶିକ୍ଷୟିତ୍ରୀ ସସ୍ମିତା ନାୟକ, କୁକନବାଳା ନାୟକ, ସୁଜାତା ସୁନ୍ଦରରାୟ, ଲୋପିତା ବଡ଼ଜେନା, ଅନିତା ମଲ୍ଲିକ, ଅନ୍ୱେଷା ସୁନ୍ଦରରାୟ, ମଞ୍ଜୁ ମହାରଣା, ଦୀନବନ୍ଧୁ ସୁନ୍ଦରରାୟ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ପୋଖରୀରୁ ଯୁବକଙ୍କ ମୃତଦେହ ମିଳିଲା

**ବୋଲଗଡ଼/କଳାପଥର,୧।୧୧ (ଦେବବ୍ରତ ହୋତା/ଗଙ୍ଗାଧର ସାହୁ)**

ବୋଲଗଡ଼ ବ୍ଲକ ପାଟପୁର ଶାସନ ପଞ୍ଚାୟତ ଅନ୍ତର୍ଗତ ସାନନୟାପଲ୍ଲୀ ଗ୍ରାମ ନିକଟ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଏହି ଗ୍ରାମର ବାବୁଲି ପଣ୍ଡା। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ବାବୁଲି ଗ୍ରାମ ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତାଙ୍କର ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଏବଂ ଗ୍ରାମବାସୀ ଖୋଜାଖୋଜି କରିଥିଲେ। ପୋଖରୀ ପାହାଚରେ ବାବୁଲିଙ୍କ ମୋବାଇଲ ଏବଂ ଚପଲ ଥିବା ଦେଖିବାକୁ ମିଳିଥିଲା। ଖବରପାଇ କଳାପଥର ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଖୋଜାଖୋଜି କରିଥିଲେ। ତେବେ ରାତି ହୋଇଯିବାରୁ ଖୋଜିବା ପ୍ରକ୍ରିୟାରେ ଅନ୍ତରାୟ ସୃଷ୍ଟି ହୋଇଥିଲା। ଶୁକ୍ରବାର ସକାଳେ ପୋଖରୀରେ ବାବୁଲିଙ୍କ ମୃତଦେହ ଭାସୁଥିବାରୁ ଜବତ କରାଯାଇ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଙ୍କୋଇ ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଅପମୃତ୍ୟୁ ମାମଲା (ନଂ.୧୬/୨୪)ରୁଜୁକରି ତଦନ୍ତ ଚଳାଇଛି।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ ଏବଂ ଅନ୍ୟମାନେ।

**ଟାଙ୍ଗୀ,୧।୧୧(ରଘୁନାଥ ସାହୁ)**

ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ଦୁର୍ଗା ଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍) ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବରିଷ୍ଠ ନାଗରିକ ମଞ୍ଚ ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଡା.ମଧୁସୂଦନ ସେନାପତି, ଉପଦେଷ୍ଟା ରମେଶ କୁମାର ବଳବନ୍ତରାୟ, ଦୁର୍ଗା ଚରଣ ଚିଲିକା ଉଚ୍ଚ ମଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସିତାଂଶୁ ଭୂଷଣ ନନ୍ଦ, ଉପସଭାପତି ଡ.ଚନ୍ଦ୍ର ଶେଖର ଦାଶ, ସୁରେନ୍ଦ୍ର ରାଉତ, ସହ ସମ୍ପାଦକ ଶତ୍ରୁଘ୍ନ ପ୍ରଧାନ, ସୁନ୍ଦରପୁର ସରପଞ୍ଚ ସୁଜିତ୍ ହାଲଦାର, ଦୁର୍ଗା ଚରଣ ଚିଲିକା ମହାବିଦ୍ୟାଳୟର ପରିଚାଳନା କମିଟି ପୂର୍ବତନ ସଭାପତି ରଘୁନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମଞ୍ଚ ପକ୍ଷରୁ ଓସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଟାଙ୍ଗୀ ବ୍ଲକ ଅଞ୍ଚଳର ରୁପାଲି ପାତ୍ର, ସୂର୍ଯ୍ୟକାନ୍ତ ବୈରିଗଞ୍ଜନ ଏବଂ ଆଦ୍ୟାଶା ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ବିଜୟ କୁମାର ରାଉତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହ ସମ୍ପାଦକ ରବୀନ୍ଦ୍ର କୁମାର ନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସମାଜସେବୀ ମଞ୍ଜୁଲତା ଇନ୍ଦ୍ରଜିତ ମାନପତ୍ର ପଠନ କରିଥିଲେ। ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ପଣ୍ଡିତ ବାଳକୃଷ୍ଣ ମିଶ୍ର ବେଦପାଠ କରିଥିଲେ। ଏହି ଅବସରରେ ନବାଗତ ପ୍ରଶାସନିକ ଅଧିକାରୀଙ୍କ ଅଭିଭାବକ ଗୌରାଙ୍ଗ ପାତ୍ର, ମହାଲକ୍ଷ୍ମୀ ପାତ୍ର, ହାତୁବନ୍ଧୁ ବାରିକ, ସୁଶମାବାଳା ବାରିକ, ବିରଞ୍ଚି ନାରାୟଣ ପରିଡ଼ା, ଉଷାରାଣୀ ପରିଡ଼ାଙ୍କୁ ମଞ୍ଚ ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସଦସ୍ୟ ଲିଙ୍ଗରାଜ ସାହୁ, ଭାସ୍କର ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ କୁମାର ଜେନା ସ୍ୱରଚିତ କବିତା ପାଠ କରିଥିଲେ। ନାଗରିକ ମଞ୍ଚର ବରିଷ୍ଠ ସଦସ୍ୟ ଅରୁଣ ରଞ୍ଜନ ମହାନ୍ତି, ଉମେଶ ପ୍ରସାଦ ଧଳ, ବିଛେନ୍ଦ ଜୟସିଂହ, ଦଣ୍ଡପାଣି ବେହେରା, ତାରା ପ୍ରସାଦ ପଟ୍ଟନାୟକ, ବାସୁଦେବ ସିଂ, ଘନଶ୍ୟାମ ମହାନ୍ତି, କୃଷ୍ଣ ଚନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଛୋଟରାୟ, ଦିଲୀପ କୁମାର ନାଥ, ପ୍ରଭାକର ବିଶ୍ୱାଳ, ଲକ୍ଷ୍ମୀଧର ପାଇକରାୟ, ସୁକାନ୍ତ ରାଉତ, ସୁନିଲ ମହାନ୍ତି, ସାରଙ୍ଗଧର ପାଲଟାସିଂ ପ୍ରମୁଖ ଉପସ୍ଥିତ ରହିଥିଲେ। ଅଧ୍ୟାପିକା ସଂଘମିତ୍ରା ଦତ୍ତ ଧନ୍ୟବାଦ ଦେଇଥିଲେ।

## ହାଇୱା ଧକ୍କାରେ ଯୁବକ ମୃତ, ଜଣେ ଗୁରୁତର

**ନିରାକାରପୁର,୧।୧୧(ମାନସ ଚନ୍ଦ୍ର ପଟ୍ଟନାୟକ):** ଜଙ୍କିଆ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ମଳିପଡା ଛକ ନିକଟରେ ଗୁରୁବାର ଅପରାହ୍ନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ହାଇୱା ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ନିରାକାରପୁର ଥାନା ଅନ୍ତର୍ଗତ ବଡ଼ପୋଖରିଆ ଗ୍ରାମର ପ୍ରବୀଣ ପ୍ରଧାନ ଓରଫ ବୁଲୁ(୨୬)। ତେବେ ଆହତ ନୂଆଗଡ଼ ପଞ୍ଚାୟତ ମୋରମୋରସିଂ ଗ୍ରାମର ଛବି ପ୍ରଧାନ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଏନେଇ ମୃତକଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୩୭୧/୨୪) ରୁଜୁକରି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ଥାନା ଅଧିକାରିଣୀ ପ୍ରଜ୍ଞା ରିତୁମ୍ବରା କରଙ୍କ ସୂଚନା ମୁତାବକ, ବୁଲୁ କୌଣସି କାମରେ ଛବିଙ୍କ ସହ ବାଇକ୍(ଓଡି-୨୫-ଏନ୍ ୭୮୬୫)ରେ ଜଟଣୀ ଅଭିମୁଖେ ଯାଉଥିଲା। ମଳିପଡା ଛକ ନିକଟରେ ଏକ ହାଇୱା(ଓଡି-୩୩ଏଡି-୨୫୫୩) ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ବୁଲୁଙ୍କ ମୃତ୍ୟୁ ଘଟିଥିବା ବେଳେ ଛବିଙ୍କ ଗୋଡଭାଙ୍ଗି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରି ଥାନାକୁ ଆଣିବା ସହିତ ଆହତଙ୍କୁ ମେଡିକାଲକୁ ପଠାଇଥିଲା।

## ରାଷ୍ଟ୍ରୀୟ ଏକତା ଦିବସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବାଲୁଗାଁ,୧।୧୧(ସଂଗ୍ରାମ ପାଇକରାୟ)**

ଭାରତର ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମଦିବସ ଅବସରରେ ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ସମାରୋହ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା ଏବଂ ଅଧ୍ୟାପିକା ରିନା ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ.ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ପରାମର୍ଶ ଏବଂ ଯୁକ୍ତ ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ.କୈଳାସ ଚନ୍ଦ୍ର ମହାରଣା ସର୍ଦ୍ଦାର ପଟେଲଙ୍କ ଜୀବନାଦର୍ଶ ଓ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱେଚ୍ଛାସେବୀ ପ୍ରଜ୍ଞା ସ୍ମିତା ସାହୁ କହିଥିଲେ, ସର୍ଦ୍ଦାର ପଟେଲ ଭାରତର ଏକତା ଓ ଅଖଣ୍ଡତା ନିମିତ୍ତ ୫୬୦ ଗଡଜାତ ରାଜ୍ୟକୁ ମିଶ୍ରଣ କରିବାରେ ଯେଉଁ ଅଦମ୍ୟ ସାହସ ପ୍ରଦର୍ଶନ କରିଛନ୍ତି ତାହା ଇତିହାସରେ ଅବିସ୍ମରଣୀୟ ହୋଇ ରହିବ। ଏହି ଅବସରରେ ଜିଲାସ୍ତରରେ ପ୍ରବନ୍ଧ ଓ ସର୍ଜନଶୀଳ ଗଳ୍ପ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ସୁଶ୍ରୀ ଦିବ୍ୟାନୀ ପରିଡା ଏବଂ ବିକାଶ କହଲସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ରିନା ରାଉତ ଧନ୍ୟବାଦ ଦେଇଥିଲେ।

## କ୍ରିକେଟ: କୋଲକାତା ଫାଇନାଲରେ

**ବେଗୁନିଆ,୧।୧୧(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମର ବାବା ଲୋକନାଥ ଦେବ କ୍ରିକେଟ ଆସୋସିଏଶନ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୮ଟି ଟିମ୍ ଭାଗ ନେଇଥିବା ବେଳେ ପ୍ରଥମ ଦିବସରେ ୪ଟି ଟିମ୍ କୋଲକାତା, ବରହମପୁର, ରଣପୁର ଏବଂ କେନ୍ଦ୍ରାପଡ଼ା ଟିମ୍ ମଧ୍ୟରେ ୭ ଓଭରବିଶିଷ୍ଟ ମ୍ୟାଚ୍ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ଅତିଥି, ସରପଞ୍ଚ ଅକ୍ଷୟ ରାଉତରାୟ ମୁଖ୍ୟବକ୍ତା, ୱାର୍ଡ ସଭ୍ୟ ଆରତ ପରିଡ଼ା, ବିଶ୍ୱନାଥ ପରିଡ଼ା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶୁକ୍ରବାର ସେମିଫାଇନାଲ ମ୍ୟାଚ୍ କୋଲକାତା ଏବଂ କେନ୍ଦ୍ରାପଡ଼ା ଟିମ୍ ମଧ୍ୟରେ ହୋଇଥିଲା। କେନ୍ଦ୍ରାପଡ଼ା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୫୮ରନ ସଂଗ୍ରହ କରିଥିଲା। ଜବାବରେ କୋଲକାତା ଟିମ୍ ୬ ଓଭରରେ ୫୯ ରନ ସଂଗ୍ରହ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ବବୁଲୁ ଏବଂ ଜ୍ଞାନ ରଞ୍ଜନ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର କର୍ମକର୍ତ୍ତା ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।


ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

## ୪ ବର୍ଷରେ ଗଲାଣି ୪୭ ଜୀବନ

**ବେଗୁନିଆ,୧।୧୧(ହର ପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ଦିନକୁ ଦିନ ବଢ଼ିଚାଲିଛି। ବିଶେଷକରି ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ଚକାପଦାଠାରୁ ସାରୁଅ ଛକ ପର୍ଯ୍ୟନ୍ତ ଦୁର୍ଘଟଣାର ଜୋନ୍ ପାଲଟିଛି। ଗତ ୪ବର୍ଷ ମଧ୍ୟରେ ଦୁର୍ଘଟଣା ଘଟି ୨୮ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୦ରୁ ଊର୍ଦ୍ଧ୍ୱ ପଥଚାରୀ ଆହତ ହୋଇଛନ୍ତି। ସେହିପରି ବାଘମାରୀ-କଣ୍ଟିଲୋ ସଡକ ପଥରେ ମଧ୍ୟ ଦୈନିକ ଛୋଟବଡ଼ ଦୁର୍ଘଟଣା ବୃଦ୍ଧି ପାଇଛି। ବାଘମାରୀଠାରୁ ଧଳାପଥର ଛକ ପର୍ଯ୍ୟନ୍ତ ଦୀର୍ଘ ସଡକ ପଥରେ ୯ଜଣ ଏବଂ ଅନ୍ୟ ଗ୍ରାମୀଣ ରାସ୍ତାରେ ୧୦ଜଣଙ୍କ ଜୀବନ ଯାଇଥିବାବେଳେ ଶତାଧିକ ଆହତ ହୋଇଥିବା ଜଣାପଡ଼ିଛି। ଗତ ୪ ବର୍ଷ ମଧ୍ୟରେ ବାଘମାରୀ ଏବଂ ବେଗୁନିଆ ଥାନାରେ ଦୁର୍ଘଟଣାଜନିତ ମାମଲା ୮୬ରୁ ଅଧିକ ହୋଇଛି। ଅଭିଯୋଗ ନ ଥିବାରୁ ଅନେକ ଦୁର୍ଘଟଣାଜନିତ ଅଘଟଣକୁ ମଧ୍ୟ ଚାପି ଦିଆଯାଇଛି। ତେବେ ସ୍ଥାନୀୟ ଅଞ୍ଚଳରେ ଦୁର୍ଘଟଣା ନିତିଦିନିଆ ଘଟଣାରେ ପରିଣତ ହୋଇଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି। ଦୁଘଟଣାକୁ ରୋକିବା ସହ ପଥଚାରୀଙ୍କୁ ସଚେତନ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଦୁର୍ଘଟଣା ରୋକିବା ପାଇଁ ବେଗୁନିଆ ଅଞ୍ଚଳର ବରିଷ୍ଠ ଆଇନଜୀବୀ

### ଦୁର୍ଘଟଣା ଜୋନ୍ ପାଲଟିଛି ଜାତୀୟ ରାଜପଥ

- ଶତାଧିକ ପଥଚାରୀ ଆହତ
- ସଚେତନ ହେଉନାହାନ୍ତି ନାବାଳକ

ସୁଶାନ୍ତ କୁମାର ରାୟ, ବିକାଶ ମଞ୍ଚର ସଭାପତି ଶିବ କୁମାର ମୁନି, ବରିଷ୍ଠ ନାଗରିକ ଅକ୍ଷୟ କୁମାର ରଥ ପ୍ରମୁଖ ଜାତୀୟ ରାଜପଥ ବିଭାଗ ଅଧିକାରୀ ଏବଂ ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡ଼ିଛି। ଅନ୍ୟପଟେ ସମସ୍ୟାର ସମାଧାନ କ୍ଷେତ୍ରରେ ଗୁରୁତ୍ୱ ଦେବାକୁ ୬ଟି ପ୍ରସ୍ତାବ ଦିଆଯାଇଛି। ଜନଗହଳିପୂର୍ଣ୍ଣ ବେଗୁନିଆ ପୋଷ୍ଟ ଅଫିସ ଛକଠାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଜଣେ କର୍ମଚାରୀଙ୍କୁ ନିଯୁକ୍ତି, ଚକାପଦାଠାରୁ ସାରୁଅ ଛକ ପର୍ଯ୍ୟନ୍ତ ଥିବା ବଜାର ପାର୍ଶ୍ୱରେ ବେଆଇନ ପାର୍କିଂକୁ ହଟେଇବା ପାଇଁ ପୋଲିସ ବିଭାଗ ପକ୍ଷରୁ ପଦକ୍ଷେପ, ରାଜପଥରେ ଦିଆଯାଇଥିବା ଧଳା ରଙ୍ଗର ଦାଗ ଉପରେ ରେଡିୟମ ଷ୍ଟିକରିଂ, ବେଗୁନିଆ ବ୍ଲକ ଛକରୁ ଗୋଡିପୋଖରୀ ପର୍ଯ୍ୟନ୍ତ ୫ଟି ପ୍ଲାଷ୍ଟିକ ହମ୍ପ ନିର୍ମାଣ, ରାଜପଥ କଡରେ ସ୍ପିଡ ମିଟର ଖଞ୍ଜିବା ସହ ସିସିଟିଭି କ୍ୟାମେରା ଲଗାଯାଉ ଏବଂ ନାବାଳକ ଚାଳକଙ୍କୁ ସଚେତନ କରାଯାଉ। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଓୟୋ ହୋଟେଲରେ ନାବାଳିକାଙ୍କୁ ଗଣବଳାତ୍କାର

■ ଅକ୍ଟୋବର ୧୬ ରାତିର ଘଟଣାକୁ ନେଇ ଚାଞ୍ଚଲ୍ୟ

■ ଭିଡିଓ ଭାଇରାଲ ଧମକ ଦେଇ ଅଭିଯୁକ୍ତ ଲୁଟିଛନ୍ତି ୬୨ ହଜାର

## ୪ ଗିରଫ, ବାଳସୁଧାର ଗୃହକୁ ଗଲେ ଅଭିଯୁକ୍ତା ନାବାଳିକା

ଭୁବନେଶ୍ୱର,୧।୧୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ନାବାଳିକାଙ୍କୁ ମୃଦୁପାନୀୟରେ ନିଶା ଦେଇ ୪ଜଣ ଯୁବକ ଏକ ଓୟୋ ହୋଟେଲରେ ଗଣବଳାତ୍କାର କରିଛନ୍ତି। ଏଥିସହ ବଳାତ୍କାର ସମୟର ଭିଡିଓ ଭାଇରାଲ କରିବାର ଧମକ ଦେଇ ପୀଡ଼ିତା ଓ ତାଙ୍କ ମା'ଙ୍କଠାରୁ ୬୨ହଜାର ଟଙ୍କା ନେଇଯାଇଛନ୍ତି। ଅକ୍ଟୋବର ୧୬ରେ ଘଟିଥିବା ଏହି ସ୍ପର୍ଶକାତର ଘଟଣାକୁ ନେଇ ଥାନାରେ ଅଭିଯୋଗ ହେବା ପରେ ଘଟଣା ପଦାକୁ ଆସିଛି। ନୟାପଲ୍ଲୀ ଥାନା ପୋଲିସ ପୀଡ଼ିତାଙ୍କୁ ଫସାଇଥିବା ନାବାଳିକାଙ୍କ ସହ ୪ଜଣ ଅଭିଯୁକ୍ତଙ୍କୁ ଧରିଛି। ୪ ଅଭିଯୁକ୍ତ ଯୁବକ ହେଲେ ଭୁବନେଶ୍ୱର ଦାରୁଠେଙ୍ଗର ରାଜା ପଟ୍ଟନାୟକ (୧୯), ନୀଳାଦ୍ରିବିହାରର ଦୀପକ ବେହେରା (୧୯), ଶୈଳଶ୍ରୀ ବିହାରର ପ୍ରକାଶ ବେହେରା (୨୧) ଏବଂ ଓଲ୍ଡଟାଉନ ଅଞ୍ଚଳର ପପୁ ଦ୍ୱିବେଦୀ (୨୩)। ରାଜା ଓ ଦୀପକଙ୍କୁ ଗୁରୁବାର ଏବଂ ପ୍ରକାଶ ଓ ପପୁଙ୍କୁ ଶୁକ୍ରବାର ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଅଭିଯୁକ୍ତା ନାବାଳିକାଙ୍କୁ ଗୁରୁବାର ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ହାଜର ପରେ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଅଧିକ ତଦନ୍ତ କରାଯାଉଥିବା ଡିସିପି ପିନାକ ମିଶ୍ର କହିଛନ୍ତି। ତେବେ ଶୁକ୍ରବାର ପୋଲିସ ପୀଡିତାଙ୍କ ଡାକ୍ତରୀ ପରୀକ୍ଷା କରାଇବା ସହ ବୟାନ ରେକର୍ଡ କରିଛି।



ଗିରଫ ୪ ଅଭିଯୁକ୍ତ।

ପୋଲିସ ସୂଚନାନୁସାରେ, ପୀଡ଼ିତା ନାବାଳିକାଙ୍କ ଘର ନୟାଗଡ ଜିଲା ଶରଣକୁଳ ଥାନା ଅଞ୍ଚଳରେ ହୋଇଥିବାବେଳେ ପରିବାର ଲୋକଙ୍କ ସହ ନୟାପଲ୍ଲୀ ଅଞ୍ଚଳର ଏକ ବସ୍ତିରେ ରହୁଛନ୍ତି। ତାଙ୍କୁ ଗଣବଳାତ୍କାର କରିବାକୁ ଘଟଣାର କିଛିଦିନ ପୂର୍ବରୁ ଯୋଜନା ହୋଇଥିଲା। ଅଭିଯୁକ୍ତା ନାବାଳିକା ଜଣକ ତାଙ୍କ ସହ ବନ୍ଧୁତା ସ୍ଥାପନ କରି ଫସାଇଥିଲେ। ସେ ପୀଡ଼ିତାଙ୍କୁ ଚାକିରି ଯୋଗାଇଦେବାକୁ କହି ଅଧିକ ଘନିଷ୍ଠ ହୋଇଥିଲେ ଓ ପରବର୍ତ୍ତୀ ସମୟରେ ଅଭିଯୁକ୍ତ ରାଜାଙ୍କ ସହ ମିଶାଇଥିଲେ। ଏହାପରେ ପୀଡ଼ିତାଙ୍କୁ ରାଜା ପ୍ରେମଜାଲରେ ଫସାଇ ସମ୍ପର୍କ ନିବିଡ଼ କରିଥିଲେ। ଭୁବନେଶ୍ୱରର ବିଭିନ୍ନ ପାର୍କକୁ ନେଇ ସମୟ ବିତାଇବା ସହ ମିଠା ମିଠା କଥା କହି ସ୍ୱପ୍ନ ଦେଖାଇଥିଲେ। ଅକ୍ଟୋବର ୧୬ ସନ୍ଧ୍ୟାରେ ପୀଡ଼ିତାଙ୍କୁ ରାଜା ଚନ୍ଦ୍ରଶେଖରପୁର ନୀଳାଦ୍ରିବିହାରସ୍ଥିତ ବୁଦ୍ଧପାର୍କକୁ ଡାକି ନେଇଥିଲେ। ସେଠାରେ ରାଜା ତାଙ୍କୁ ମୃଦୁପାନୀୟରେ ନିଶା ଦେଇ କିଛି ଦୂରରେ ଥିବା ଏକ ଓୟୋ ହୋଟେଲକୁ ନେଇଯାଇଥିଲେ। ଉକ୍ତ ଓୟୋ ହୋଟେଲକୁ ରାଜା ତାଙ୍କର ଅନ୍ୟ ୩ ସହଯୋଗୀଙ୍କୁ ଡାକିଥିଲେ। ସେହି ରାତିରେ ଉକ୍ତ ହୋଟେଲ ରୁମ୍‌ରେ ରାଜା ଓ ଅନ୍ୟମାନେ ଜଣକ ପରେ ଜଣେ ତାଙ୍କୁ ବଳାତ୍କାର କରି ତାହାର ଭିଡିଓ ଉତ୍ତୋଳନ କରିଥିଲେ। ପରେ ସେମାନେ ସେଠାରେ ପୀଡ଼ିତାଙ୍କୁ ଛାଡ଼ି ଚାଲିଯାଇଥିଲେ। ରାତି ପାହିବା ପରେ ପୀଡିତାଙ୍କ ନିଦ ଭାଙ୍ଗିବା ପରେ ଘରକୁ ଫେରିଆସିଥିଲେ। ଏହାପରେ ରାଜା ଓ ଅନ୍ୟ ଅଭିଯୁକ୍ତମାନେ ପୀଡ଼ିତା ନାବାଳିକାଙ୍କ ବଳାତ୍କାର ବେଳର ଭିଡିଓ ଦେଖାଇ ଭାଇରାଲ ଧମକ ଦେଇ ତାଙ୍କଠାରୁ ୧୨ ହଜାର ଟଙ୍କା ନେଇଯାଇଥିଲେ। ପରେ ଉକ୍ତ ଭିଡିଓକୁ ପୀଡ଼ିତାଙ୍କ ମା'ଙ୍କ ପାଖକୁ ପଠାଇ ସମାନ ଧମକ ଦେଇ ୫୦ ହଜାର ଟଙ୍କା ନେଇଯାଇଥିଲେ। ପରେ ମା'ଙ୍କ ସହାୟତାରେ ପୀଡ଼ିତା ଜଣକ ଅକ୍ଟୋବର ୩୦ରେ ନୟାପଲ୍ଲୀ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୬୪୦/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୧।୧୧।୨୦୨୪

| ୪,୫୬, ୧୯୧ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୨୫.୯୦୦ ଗ୍ରାମ୍ |



ଭୁବନେଶ୍ୱର ଶହୀଦନଗର ମଣ୍ଡପରେ ଅନୁଷ୍ଠିତ ମା' କାଳୀଙ୍କ ପୂଜା।

## ବନ୍ଦ ଘରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

ଭୁବନେଶ୍ୱର, ୧।୧୧ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପଟିଆ ଅଞ୍ଚଳର ଏକ ବନ୍ଦଘରୁ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତା ଛାତ୍ରୀ ହେଲେ କଟକ ବୟାଳିଶ ମୌଜାର ଏସ୍. ଆଦ୍ୟାଶା(୨୦)। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ତେବେ ସେ କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି, ତାହାକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି। ସୂଚନାନୁସାରେ, ଆଦ୍ୟାଶ ପରିବାର ଲୋକଙ୍କ ସହ ପଟିଆ ଅଞ୍ଚଳରେ ଥିବା ମାମୁଘରେ ରହି ସେ ସ୍ଥାନୀୟ ଅଞ୍ଚଳରେ ଥିବା ଏକ ଘରୋଇ କଲେଜରେ ବିବିଏ ପଢୁଥିଲେ। ପରିବାର ଲୋକେ ଶୁକ୍ରବାର ଦୀପାବଳି ପାଳିବା ପାଇଁ ମଧ୍ୟାହ୍ନରେ ନିଜ ଗାଁ ବୟାଳିଶ ମୌଜାସ୍ଥିତ ଘରକୁ ଯାଇଥିଲେ। ଘରେ ସେ ନିଜ ବୁଢ଼ି ମା'ସହିତ ଘରେ ଥିଲେ। ଏହି ସୁଯୋଗରେ ଆଦ୍ୟାଶା ଏକ ଘରେ ନିଜ ଓନିରେ ବେକକୁ ଫାଶ ପକାଇ ଝରକା ରେଲିଂରେ ଝୁଲି ଆତ୍ମହତ୍ୟା କରିଥିଲେ। ବୁଢ଼ି ମା' କିଛି ସମୟ ପରେ ଆସି କବାଟ ବାଡେଇବାରୁ ଆଦ୍ୟାଶା ଖୋଲି ନ ଥିଲେ। ଏନେଇ ସେ ଝରକା ବାଟେ ଚାହିଁବାରୁ ନାତୁଣୀ ଝରକାରେ ଝୁଲି ରହିଥିବା ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ପରିବାର ପକ୍ଷରୁ ଥାନାକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଭିତରୁ ଛାତ୍ରୀଙ୍କ ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲା। ଶନିବାର ଶବ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ବାଣ ଦୋକାନୀଙ୍କୁ ଛୁରାମାଡ଼

ବାଲକାଟୀ,୧।୧୧(ମନୋଜ ମଣ୍ଡଳ)

ବାଲକାଟୀ ଭାର୍ଗବୀ ନଦୀପଠା ନିଗମାନନ୍ଦ ମନ୍ଦିର ନିକଟରେ ଥିବା ଏକ ବାଣ ଦୋକାନୀଙ୍କୁ ଶୁକ୍ରବାର ଜଣେ ଯୁବକ ଛୁରାମାଡ଼ କରିଥିବା ନେଇ ବାଲକାଟୀ ଫାଣ୍ଡିରେ ଅଭିଯୋଗ ହୋଇଛି। ଛୁରାମାଡ଼ ଫଳରେ ଦୋକାନୀ ଜଣଙ୍କ ଆହତ ହୋଇଥିଲେ। ଆହତ ଜଣଙ୍କ ହେଲେ ସରଦେଇପୁର ଗ୍ରାମର ରଘୁନାଥ ସାହୁ (୩୦)। ସୂଚନା ଯେ, ରଘୁନାଥଙ୍କ ବାଣ ଦୋକାନରୁ ସରଦେଇପୁର ଗ୍ରାମର ଜଣେ ଯୁବକ ଗୁରୁବାର ବାଣ ନେଇଥିଲେ। ବାଣ ବାବଦରେ କିଛିଟଙ୍କା ବାକି ରଖି ଶୁକ୍ରବାର ପୁଣି ବାଣନେବାକୁ ଆସିଥିଲେ। ରଘୁନାଥ ବାକି ଟଙ୍କା ମାଗିବାରୁ ବଚସା ହୋଇଥିଲା, ପରେ ଉତ୍କ୍ଷିପ୍ତ ହୋଇ ଉକ୍ତ ଯୁବକ ଜଣଙ୍କ ରଘୁନାଥଙ୍କୁ ଛୁରାମାଡ଼ କରି ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ରଘୁନାଥଙ୍କୁ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବରପାଇ ବାଲକାଟୀ ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

## ନନ୍ଦନକାନନ-କର୍ଣ୍ଣାଟକ ମଧ୍ୟରେ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା

# ଗଲେ ୮, ଆସିବେ ୧୫

ବାରଙ୍ଗ/ତ୍ରିଶୂଳିଆ,୧।୧୧(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଜୀବଜନ୍ତୁମାନଙ୍କର ବଂଶବୃଦ୍ଧି ଲକ୍ଷ୍ୟ ନେଇ ଜୀବଜନ୍ତୁ ଅଦଳବଦଳ ପ୍ରକ୍ରିୟା ଆରମ୍ଭ ହୋଇଛି। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ସ୍ୱୀକୃତି ମୁତାବକ, ୬ଷ୍ଠ ଥର ପାଇଁ ନନ୍ଦନକାନନ ଓ କର୍ଣ୍ଣାଟକର ମାଙ୍ଗାଲୋର୍ ପିଲିକୁଲା ଜୀବଉଦ୍ୟାନ ମଧ୍ୟରେ ଅଦଳବଦଳ ପ୍ରକ୍ରିୟା ଶୁକ୍ରବାର ଆରମ୍ଭ ହୋଇଛି। ନନ୍ଦନକାନନ ପକ୍ଷରୁ ଏସିଏଫ୍ ସୁଦୀପ୍ତ ପଣ୍ଡାଙ୍କ ନେତୃତ୍ୱରେ ନନ୍ଦନକାନନର ୯ ଜଣିଆ ଟିମ୍ ଶୁକ୍ରବାର ୨ ହଳ ସବର୍ଣ୍ଣ କୁକୁଟ, ହଳେ ରୂପେଲି କୁକୁଟ, ଗୋଟିଏ ଏସିଆନ ସିଂହ, ଦୁଇଟି ଘଡ଼ିଆଳ କୁମ୍ଭୀର, ଗୋଟିଏ ଭାରତୀୟ ଧୂସର ଗଧିଆକୁ ମିଶାଇ ୫ ପ୍ରଜାତିର ୮ ପଶୁପକ୍ଷୀଙ୍କୁ ସାଙ୍ଗରେ ନେଇ ଯାତ୍ରା ଆରମ୍ଭ କରିଛନ୍ତି।

ଏହି ଟିମ୍ କର୍ଣ୍ଣାଟକରୁ ୪ ଅଜଗର, ୪ ବଳିଆ କୁକୁର, ୨ ଶଙ୍ଖଚିଲ, ଗୋଟିଏ ଅଣ୍ଡିରା ଓ ୨ ମାଈ ଡାଳି ଓଧ, ୨ ମାଈ ବଡ଼ ବଗକୁ ମିଶାଇ ୫ ପ୍ରଜାତିର ୧୫ ପଶୁପକ୍ଷୀଙ୍କୁ ସାଙ୍ଗରେ ନେଇ ନନ୍ଦନକାନନ ଫେରିବ ବୋଲି ସୂଚନା ମିଳିଛି। ଏହି ଟିମ୍ ଯାତ୍ରା ସମୟରେ ବିଶାଖାପାଟଣାରେ ବିଶ୍ରାମ ନେବ ଓ ଅଦଳବଦଳ ପ୍ରକ୍ରିୟା ୧୦ତାରିଖ ସୁଦ୍ଧା ଶେଷ ହେବ। ଏହି ଅଦଳବଦଳ ପ୍ରକ୍ରିୟାରେ ନୂଆକରି ଆସୁଥିବା ବଳିଆ କୁକୁର, ଶଙ୍ଖଚିଲ, ବଡ଼ବଗମାନଙ୍କ କ୍ଷେତ୍ରରେ ନୂଆ ରକ୍ତସମ୍ପର୍କ ସୃଷ୍ଟି ସହ ବଂଶବୃଦ୍ଧିରେ ସହାୟକ ହେବ ବୋଲି ଉପ-ନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।



ଏସିଏଫ୍ ସୁଦୀପ୍ତ ପଣ୍ଡାଙ୍କ ନେତୃତ୍ୱରେ କର୍ଣ୍ଣାଟକ ଅଭିମୁଖେ ବାହାରିଥିବା ୯ ଜଣିଆ ଟିମ୍।

ଅନ୍ୟପଟେ ନନ୍ଦନକାନନରୁ ସିଂହ, ଘଡ଼ିଆଳ କୁମ୍ଭୀର ଦେଇ ବଳିଆ କୁକୁର, ଅଜଗର ସାପ ଆଣିବାକୁ ପଶୁପ୍ରେମୀ ନାପସନ୍ଦ କରିଛନ୍ତି। ଅଦଳବଦଳ ପ୍ରକ୍ରିୟାରେ ଦୁବାଇରୁ ୪ ଧଳା ସିଂହ, ୨ ସିମ୍ପାଞ୍ଜି, ୨ ଚିତା, ୨ ଆଫ୍ରିକୀୟ ସିଂହ, ୪ ଲେମର ମଙ୍କି, ୩ ୱାଲବି, ୮ ବବୁନ, ୭ ଗ୍ରେ ପ୍ୟାରଟ୍ ଏବଂ ୫ ନୀଳ ଓ ସୁନେଲି ରଙ୍ଗର ମାକାଓ ଆଣିବାକୁ ଥିବାବେଳେ ନନ୍ଦନକାନନ କର୍ତ୍ତୃପକ୍ଷ ଦୁବାଇ ଚିଡ଼ିଆଖାନା ଯାଇ ବୁଲି ଫେରିଛନ୍ତି।

## ନୂତନ ସରକାରୀ ଓକିଲ ତାଲିକା

କଟକ,୧।୧୧ (କାର୍ତ୍ତିକ ସାହୁ)

ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ନୂତନ ସରକାରୀ ଓକିଲ ତାଲିକା ପ୍ରକାଶ ପାଇଛି । ଏହି ତାଲିକାରେ ସରକାରୀ ଓକିଲ ଭାବେ କୈଳାସ ଚନ୍ଦ୍ର କର, ଅତିରିକ୍ତ ସରକାରୀ ଓକିଲ ଭାବେ ଦେବେନ୍ଦ୍ର ସାହୁ, ବିବେକାନନ୍ଦ ନାୟକ, ସଞ୍ଜୀବ କୁମାର ସ୍ୱାଇଁ, ସରୋଜ କୁମାର ଜୀ, ଜୟନ୍ତ କୁମାର ବଳଙ୍କ ସମେତ ଅନ୍ୟ ୩୦ ଜଣଙ୍କୁ ଆଇନ ବିଭାଗ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଭାବେ ନିଯୁକ୍ତି ମିଳିଛି । ଷ୍ଟାଣ୍ଡିଂ କାଉନ୍ସେଲ୍ ଭାବେ ଆଇନଜୀବୀ ଜ୍ଞାନାଲୋକ ମହାନ୍ତି, ଆଡିଶନାଲ୍ ଷ୍ଟାଣ୍ଡିଂ କାଉନ୍ସେଲ୍ ଭାବେ ଶିବା ମହାନ୍ତି, ବିଜୟଲକ୍ଷ୍ମୀ ତ୍ରିପାଠୀ, ଉଷାରାଣୀ ପାଢ଼ୀ, କଳ୍ପନା ପଟ୍ଟନାୟକଙ୍କ ସମେତ ଅନ୍ୟ ୪୫ ଜଣ ଆଇନଜୀବୀଙ୍କୁ ମଧ୍ୟ ଆଡଶନାଲ୍ ଷ୍ଟାଣ୍ଡିଂ କାଉନ୍ସେଲ୍ ଭାବେ ନିଯୁକ୍ତି ଦିଆଯାଇଛି।

# ସ୍ୱାମୀ ଦୟାନନ୍ଦଙ୍କ ବେଦଭାଷ୍ୟ ଆମକୁ ଜୀବନ ନିର୍ମାଣର ଦିଶା ଦେଖାଇଛି

## ଆର୍ଯ୍ୟ ସମାଜରେ 'ଋଷି ନିର୍ବାଣ' ଉତ୍ସବ

ଭୁବନେଶ୍ୱର, ୧।୧୧ (ବନ୍ଦନା ସେଠୀ)

ଆର୍ଯ୍ୟସମାଜ ଭୁବନେଶ୍ୱର ପକ୍ଷରୁ ମହର୍ଷି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ତିରୋଧାନ ଦିବସ ଅବସରରେ 'ଋଷି ନିର୍ବାଣ' ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ମତ୍ସ୍ୟ, ପଶୁସମ୍ପଦ ଓ ଉଦ୍ୟୋଗ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଆର୍ଯ୍ୟସମାଜ ପ୍ରତିଷ୍ଠା ପାଇଁ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଅବଦାନ ଓ ବୈଦିକ ସଂସ୍କୃତିର ରକ୍ଷା ପାଇଁ କିଭଳି ବଳିଦାନ ଦେଇଥିଲେ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ମନୋଜ କୁମାର ମହାପାତ୍ର ଯୋଗଦେଇ, ସ୍ୱାମୀ ଦୟାନନ୍ଦଙ୍କ 'ବେଦକୁ ଫେରିଚାଲ' ଆହ୍ୱାନ ଓ 'ସତ୍ୟାର୍ଥ' ପ୍ରକାଶ ଭଳି ଗ୍ରନ୍ଥ ରଚନା ହୋଇ ନ ଥିଲେ ଆଜି ଭାରତବର୍ଷ ଅନ୍ଧକାର ଦେଇ ଗତି କରୁଥାନ୍ତା। ଦୟାନନ୍ଦଙ୍କ ବେଦଭାଷ୍ୟ ହିଁ ଆଲୋକବର୍ତ୍ତିକା ସଦୃଶ ଆମକୁ ଜୀବନ ନିର୍ମାଣର ଦିଶା ଦେଖାଇଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଭାଜପା ଉପସଭାପତି ଗୋଳକ ମହାପାତ୍ର ସାମାଜିକ ଆନ୍ଦୋଳନ ଓ ସଂସ୍କାର ପାଇଁ ସମଗ୍ର ଦେଶରେ ଆର୍ଯ୍ୟସମାଜର ଭୂମିକା ସର୍ବୋଚ୍ଚ ସ୍ଥାନରେ ରହିଛି ବୋଲି କହିଥିଲେ। ଆର୍ଯ୍ୟସମାଜର ସମ୍ପାଦକ ବୀରେନ୍ଦ୍ର କର 'ଋଷି ନିର୍ବାଣୋତ୍ସବ'ର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେବା ସହ ଯଜ୍ଞ ପରିଚାଳନା କରିଥିଲେ। ପ୍ରକାଶିତ 'ଦେବଯଜ୍ଞ ବିଧି' ପୁସ୍ତକକୁ ଅତିଥିମାନେ ପାଠକାର୍ପଣ କରିଥିଲେ। ଆର୍ଯ୍ୟସମାଜର ସଭାପତି ବେଦ ଗବେଷକ ଇଂ. ପ୍ରିୟବ୍ରତ ଦାସ, ଉପସଭାପତି ଇଂ. ବ୍ରଜବନ୍ଧୁ ପଣ୍ଡା, ବରିଷ୍ଠ ସଦସ୍ୟ ଅନିରୁଦ୍ଧ ପଟ୍ଟନାୟକ, ମାତା ଶନ୍ନୋଦେବୀ ପ୍ରମୁଖ ପ୍ରବଚନ ପ୍ରଦାନ କରିଥିଲେ। ଆର୍ଯ୍ୟସମାଜର ଯୁବ ସଦସ୍ୟମାନଙ୍କୁ ନେଇ ଗଠିତ 'ଆର୍ଯ୍ୟବୀର ଦଳ' ତଥା 'ଜିସୋଲ'ର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହ ସମ୍ପାଦକ ସୁନୀଲ କୁମାର ଦେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସହ ଅତିଥିମାନେ 'ଦେବଯଜ୍ଞ ବିଧି'ର ପାଠକାର୍ପଣ କରୁଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଶୁଭଶ୍ରୀ



@ ପ୍ରଦୀପ



@ ସୁରେଶ୍ୱର



@ ରମେଶ



@ ଶ୍ରୀକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିକଟରୁ ମୃତଦେହ ଜବତ

ପୁରୀ,୧।୧୧(ଅଜିତ୍ କୁମାର ମହାନ୍ତି

ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖସ୍ଥ ମଙ୍ଗୁମଠ ନିକଟରୁ ଏକ ମୃତଦେହକୁ ପୋଲିସ ଜବତ କରିଛି। ତେବେ ମୃତକଙ୍କ ପରିଚୟ ମିଳିପାରିନାହିଁ। ତାଙ୍କ ବୟସ ୫୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ଅନୁଯାୟୀ, ଗୁରୁବାର ରାତି ପ୍ରାୟ ୯ଟା ୩୦ରୁ ୧୦ଟା ମଧ୍ୟରେ କେତେଜଣ ଲୋକ ଦେଖିବାକୁ ପାଇଥିଲେ ଯେ, ଜଣେ ବ୍ୟକ୍ତି ମଙ୍ଗୁମଠସ୍ଥିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିକଟରେ ଏକ ଜରିପାଲ ଉପରେ ଶୋଇଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କ ନିକଟକୁ ଯାଇ ଦେଖିବା ପରେ ତାଙ୍କର ଜୀବନ ଚାଲିଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଅପରପକ୍ଷରେ ଗୁରୁବାର ରାଜ୍ୟର ବିଭିନ୍ନ ସ୍ଥାନରୁ ଜନସାଧାରଣ ପୁରୀ ଆସି ସେମାନଙ୍କ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କାଉଁରିଆ ଜାଳି ବଡବଡୁଆ ଡାକିବା ସହ ଶ୍ରାଦ୍ଧ ଦେଇଥିଲେ। ତେଣୁ ମୃତକ ଜଣଙ୍କ ପୁରୀକୁ ଶ୍ରାଦ୍ଧ ଦେବାକୁ ଆସିଥାଇପାରନ୍ତି କିମ୍ବା ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ହୋଇଥାଇପାରନ୍ତି ବୋଲି ଅନୁମାନ କରାଯାଉଛି।

# ଫୁଟିଲା ୫୦ କୋଟିରୁ ଊର୍ଦ୍ଧ୍ୱ ବାଣ, ନିୟମକୁ ଫୁଁ'

## ଦୀପାବଳିରେ ୩୦ରୁ ଅଧିକ ଆହତ

ଭୁବନେଶ୍ୱର,୧।୧୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ଚଳିତବର୍ଷ ଆଲୋକର ପର୍ବ ଦୀପାବଳିକୁ ବେଶ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ରାଜଧାନୀବାସୀ ଏଥର ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବାଣ କିଣିଥିବା ଜଣାପଡିଛି। ତେବେ ପୋଲିସ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିୟମକୁ ନ ମାନି ଲୋକେ ବାଣ ଫୁଟାଇଥିବା ଅଭିଯୋଗ ହୋଇଛି। ଦୀପାବଳିର ଅବ୍ୟବହିତ ପୂର୍ବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବାଣ ଫୁଟାଇବାକୁ ନେଇ ଗାଇଡ୍‌ଲାଇନ୍ ଜାରି କରାଯାଇଥିଲା। ଦୀପାବଳିରେ ସନ୍ଧ୍ୟା ୭ରୁ ରାତି ୯ ମଧ୍ୟରେ ବାଣ ଫୁଟାଇବାକୁ ଅନୁମତି ରହିଥିଲା। ତେବେ ଏହି ନିର୍ଦ୍ଦେଶନାମାକୁ ଲୋକେ ମାନି ନ ଥିଲେ। ପୂର୍ବାହ୍ନରୁ ଅପରାହ୍ନ ମଧ୍ୟରେ କାଁ ଭାଁ ବାଣ ଫୁଟାଯାଇଥିଲା। ହେଲେ ସନ୍ଧ୍ୟା ନ ହେଉଣୁ ବାଣର ଠୋ ଠା ଶବ୍ଦରେ ସହର ପ୍ରକମ୍ପିତ ହୋଇଉଠିଥିଲା। ରାତିସାରା ବାଣ ଫୁଟୁଥିବା ଦେଖାଯାଇଥିଲା। ସେହିପରି ବସ୍ତି ସହ ରାସ୍ତା ଓ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବାଣଫୁଟାଇବାକୁ ବାରଣ କରାଯାଇଥିଲେ ମଧ୍ୟ ଏହାକୁ ଅଧିକାଂଶ ଲୋକ ମାନି ନ ଥିଲେ। ସହରର ମୁଖ୍ୟରାସ୍ତା, ଗଳି ରାସ୍ତା ଆଦିରେ ବିଭିନ୍ନ ପ୍ରକାର ବାଣ ଫୁଟାଯାଇଥିଲା। ଫଳରେ ରାସ୍ତାରେ ଯାଉଥିବା ଲୋକମାନେ ଅସୁରକ୍ଷିତ ମଣିଥିଲେ। ଏପରିକି ୧୨୫ ଡେସିବଲ୍‌ରୁ ଅଧିକ ଶବ୍ଦ ସୃଷ୍ଟିକାରୀ ।ଣ ଫୁଟାଇବାକୁ ବାରଣ ଥିଲେ ମଧ୍ୟ ଏହାକୁ ଲୋକେ ନ ମାନି ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ବାଣ ଫୁଟାଇଥିଲେ। ଅନ୍ୟପକ୍ଷରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ବାଣଫୁଟି ୩୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ସୂଚନା ମିଳିଛି। କେବଳ କ୍ୟାପିଟାଲ ହସ୍ପିଟାଲରେ ୨୫ରୁ ଊର୍ଦ୍ଧ୍ୱ ଆହତ ଭର୍ତ୍ତି ହୋଇଛନ୍ତି। କାହାର ହାତ ଜଳିଯାଇଛି, ତ ଆଉ କାହାର ଗୋଡ ଓ ଶରୀରର ଅନ୍ୟାନ୍ୟ ଅଂଶ ପୋଡିଯାଇଛି। ତେବେ କେହି ଗୁରୁତର ହୋଇ ନ ଥିବା ବା କାହାର ଜୀବନ ଯାଇ ନ ଥିବା ଜଣାପଡିଛି। ତେବେ ଆହତଙ୍କ ମଧ୍ୟରେ ଲକ୍ଷ୍ମୀସାଗର ଥାନା ଅଞ୍ଚଳର ଜଣେ, କ୍ୟାପିଟାଲ ଥାନା ଅଞ୍ଚଳରେ ୩ଜଣ, ବରଗଡ ଥାନା ଅଞ୍ଚଳର ଦୁଇଜଣ, ବାଲିପାଟଣା ଥାନା ଅଞ୍ଚଳର ୩ଜଣ ରହିଛନ୍ତି। ସେହିପରି ଏମ୍‌ସ, ହାଇଟେକ ଓ ବିଭିନ୍ନ ଘରୋଇ ହସ୍ପିଟାଲରେ ମଧ୍ୟ ବାଣଫୁଟାରେ ଆହତ ହୋଇ ବହୁ ଲୋକ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।



ଭୁବନେଶ୍ୱର ରିଜର୍ଭ ଗ୍ରାଉଣ୍ଡରେ ସିପି, ଡିସିପି ଓ ଅନ୍ୟ ପୋଲିସ ଅଧିକାରୀମାନେ ରଙ୍ଗୋଲି ଉପରେ ଦୀପ ଜାଳି, ବାଣ ଫୁଟାଇ ଦୀପାବଳି ଶୁଭ କାମନା ଜଣାଉଛନ୍ତି।

## ବାଣ ପଡ଼ି ଜଳିଗଲା ଯଜ୍ଞମଣ୍ଡପ

ବାଲିଅନ୍ତା,୧।୧୧(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ୍ ଭିଙ୍ଗାରପୁର ପଞ୍ଚାୟତ ଅଧୀନ ଜିତିକାରସୁଆଁଲୋ ଗ୍ରାମର ମା' ଜାଗେଶ୍ୱରୀ ପୀଠ ପରିସରରେ ଥିବା ଏକ ଯଜ୍ଞ ମଣ୍ଡପରେ ବାଣପଡ଼ି ଜଳିଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ଏହା ଦେଖି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପ୍ରତିବର୍ଷ ରଥଯାତ୍ରା ସମୟରେ ଏହି ମଣ୍ଡପରେ ଯଜ୍ଞ ଆୟୋଜନ ହୋଇଥାଏ। ହାବେଳି ବାଣ ଅବା ଉପରକୁ ଛଡ଼ା ଯାଉଥିବା ଆକାଶ ଛତା ପଡ଼ି ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।


ଭୁବନେଶ୍ୱର ଜିଜିପି କଲୋନୀରେ ଲୋକମାନେ ବାଣ ଫୁଟାଇ ଦୀପାବଳି ପାଳନ କରୁଛନ୍ତି।


ଦୀପାବଳି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରିବାର ସହ ୟୁନିଟ୍-୧ ହାଟରୁ ଦୀପ ଓ ଅନ୍ୟାନ୍ୟ ସାମଗ୍ରୀ କିଣାକିଣି କରିବା ସମୟରେ ବ୍ୟବସାୟୀଙ୍କ ଭଲମନ୍ଦ କଥା ପଚାରି ବୁଝୁଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)


କାଳୀପୂଜା ଅବସରରେ ଭୁବନେଶ୍ୱର ପୁରୁଣା ଷ୍ଟେଶନ ବଜାରରେ ମା'କାଳୀଙ୍କ ପୂଜା।


ସତ୍ୟନଗର ମା'କାଳୀ ମନ୍ଦିର।


କଟକରୋଡ୍ ଗୁପ୍ତାକୁଟୀର।


ଲକ୍ଷ୍ମୀସାଗର ବେଙ୍ଗଲୀ କଲୋନିରେ ସେନଗୁପ୍ତା ପରିବାର ପକ୍ଷରୁ ପୂଜା ପାଉଥିବା ମା'କାଳୀ।


ଭିଏସ୍‌ଏସ୍ ନଗରରେ ମା' ଶ୍ୟାମକାଳୀଙ୍କ ପୂଜା।


ଲକ୍ଷ୍ମୀସାଗର ବେଙ୍ଗଲି କଲୋନୀ ସଂଘଶ୍ରୀ କ୍ଲବ।

## ମୁକ୍ତିଲାଭ କଲା ଶର୍ଟ ମ୍ୟୁଜିକାଲ ଫିଲ୍ମ 'ହଁ, ମୁଁ'



ଭୁବନେଶ୍ୱର,୧।୧୧
(ଅନୁରାଧା ମହାରଣା)

ଦେବ ମେହେରଙ୍କ ନିର୍ଦ୍ଦେଶିତ ଏକ ଭିନ୍ନ ସ୍ୱାଦର ଓଡ଼ିଆ ମ୍ୟୁଜିକାଲ ଶର୍ଟ ଫିଲ୍ମ 'ହଁ, ମୁଁ' ମୁକ୍ତିଲାଭ କରିଛି। ସୁସ୍ମିତା ଦାସଙ୍କ କଣ୍ଠରେ ଗୀତଟି ଭାରି ମନଛୁଆଁ ହୋଇଛି। ଜଣେ ଦିବ୍ୟାଙ୍ଗ ନାୟିକାକୁ ନେଇ ଏହାର କାହାଣୀ ଗତିଶୀଳ ହୋଇଛି। ବିଶିଷ୍ଟ ଗୀତିକାର ବିଜୟ ମଲ୍ଲ ଏହି ମ୍ୟୁଜିକାଲ ଫିଲ୍ମର ଗୀତ ରଚନା କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଯୁବ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମିଶ୍ର। ମୁଖ୍ୟ ଭୂମିକାରେ ପ୍ରତିଭା ବେହେରା ସ୍ୱାଧୀନ ରହିଛନ୍ତି ।

## ଆମ୍ବ ଟାକୁଆ ଜାଉ ଖାଇ ମରିବା ଗଣତନ୍ତ୍ର ପ୍ରତି ଚରମ ଆହ୍ୱାନ

ଭୁବନେଶ୍ୱର, ୧।୧୧ (ବନ୍ଦନା ସେଠୀ)

କେନ୍ଦ୍ର ସରକାର ଦୀର୍ଘ ୧୧ବର୍ଷ ହେଲା ଖାଦ୍ୟ ସୁରକ୍ଷା ଯୋଜନା ଲାଗୁ କରିଛନ୍ତି। ରାଜ୍ୟ ସରକାର ମଧ୍ୟ ନିଜସ୍ୱ ପାଣ୍ଠିରୁ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏପରିକି କେନ୍ଦ୍ର ସରକାରଙ୍କ ପକ୍ଷରୁ ୮୦କୋଟି ଲୋକଙ୍କୁ ମାସକୁ ୫କି.ଗ୍ରା. ଚାଉଳ ୨୦୨୮ ପର୍ଯ୍ୟନ୍ତ ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ମାତ୍ର ଏତେସବୁ ଖାଦ୍ୟ ସୁରକ୍ଷା ଯୋଜନା, ଅନ୍ତଃଦ୍ୱୟ ଯୋଜନା ଓ ସାମାଜିକ ସୁରକ୍ଷା ଯୋଜନା କାର୍ଯ୍ୟକାରୀ ହେଉଥିବାବେଳେ, କନ୍ଧମାଳ ଜିଲାର ଦାରିଙ୍ଗିବାଡି ବ୍ଲକ ଅନ୍ତର୍ଗତ ମାଣ୍ଡିପୁଙ୍କା ଗାଁରେ ୨୦ଜଣ ଆଦିବାସୀ ପରିବାର ଆମ୍ବଟାକୁଆ ଜାଉ କରି ଖାଇବା ସମସ୍ତ ସାମାଜିକ ସୁରକ୍ଷା ଯୋଜନା ପ୍ରତି ଚରମ ଉପହାସ ଓ ଗଣତନ୍ତ୍ର ପ୍ରତି ଚରମ ଆହ୍ୱାନ ବୋଲି ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ସମସ୍ତ ଅନୁସୂଚିତ ଜାତି, ଜନଜାତି ପରିବାରକୁ ତୁରନ୍ତ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ୍‌କାର୍ଡ ଯୋଗାଇଦେବା ସହିତ ମନରେଗାରେ ରେଜେଷ୍ଟ୍ରିଭୁକ୍ତ ସବୁ ଶ୍ରମିକଙ୍କୁ ମଧ୍ୟ ରେସନକାର୍ଡ ଯୋଗାଇ ଦେବାକୁ ଦାବି କରାଯାଇଛି। ଭାରତର ରାଷ୍ଟ୍ରପତି ଜଣେ ଆଦିବାସୀ ମହିଳା ହୋଇଥିବାବେଳେ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମଧ୍ୟ ଜଣେ ଆଦିବାସୀ। ଏଭଳିକ୍ଷେତ୍ରରେ ଆମ୍ବ ଟାକୁଆ ଜାଉ ଭଳି ଅଖାଦ୍ୟ ଖାଇ ଆଦିବାସୀ ମହିଳାମାନେ ମୃତ୍ୟୁବରଣ କରିବା ଓଡ଼ିଶା ସରକାରଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି ବୋଲି ପରିଷଦର ଆବାହକ ରବି ବେହେରା ଦାବି କରିଛନ୍ତି। ଏଥିସହ ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷା ଯୋଜନାକୁ ନିଶ୍ଚିତ କରିବା ସହିତ ଆମ୍ବ ଟାକୁଆ ଜାଉ ଖାଇ ମୃତ୍ୟୁବରଣ କରିଥିବା ପରିବାରକୁ ସର୍ବନିମ୍ନ ୧୦ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ, ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ମହିଳାମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଏବଂ ଆହାତଙ୍କୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରାଯାଇଛି। ଏହାବ୍ୟତୀତ ରାଶନ୍‌କାର୍ଡ ଥାଇ ମଧ୍ୟ ଯେଉଁମାନେ ଏଥିରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ତୁରନ୍ତ ଅନ୍ତଦ୍ୱୟ ଯୋଜନା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ଯୋଗାଇ ଦେବାକୁ ପରିଷଦ ଦାବି କରିଛି।

## ପିପିଲିକୁ ହରାଇ ବଳଙ୍ଗା ଚାମ୍ପିୟନ

ବାଲକାଟୀ,୧।୧୧(ମନୋଜ ମଣ୍ଡଳ)

ବାଲକାଟୀସ୍ଥିତ ପ୍ରତାପଶାସନ କଲେଜ ଖେଳପଡ଼ିଆରେ ଶୁକ୍ରବାର ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ମହିଳା କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ପିପିଲିକୁ ୨୯-୨୭ ପଏଣ୍ଟରେ ହରାଇ ବଳଙ୍ଗା ଚାମ୍ପିୟନ ହୋଇଛି।
ଏହି ଟୁର୍ଣ୍ଣାମେଣ୍ଟରେ ଖୋର୍ଦ୍ଧା, ପୁରୀ, କଟକ ଜିଲାର ମୋଟ ୮ଟି ଦଳ ଭାଗ ନେଇଥିଲେ। ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ଆୟୋଜିତ ଓ ପ୍ରତାପଶାସନ ଡିଗ୍ରୀ କଲେଜ ଦ୍ୱାରା ପରିଚାଳିତ ଏହି ଟୁର୍ଣ୍ଣାମେଣ୍ଟକୁ ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରସିଦ୍ଧ ସିନେ ବ୍ୟକ୍ତିତ୍ୱ ଡ. ରଜନୀ ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ଅଧ୍ୟକ୍ଷ ଚନ୍ଦ୍ରଧ୍ୱଜ ନନ୍ଦ ସଭା ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟରେ ବାଙ୍କୀ କଲେଜ, ବିଜେବି କଲେଜ, ବଳଙ୍ଗା କଲେଜ, ପିପିଲି କଲେଜ, କଣାସ ଗାଦିବ୍ରହ୍ମ, ନିମାପଡ଼ା କଲେଜ, ଏସ୍‌ସିଏସ କଲେଜ ପୁରୀ, ଆର୍ଟ କଲେଜ କଟକ ପ୍ରଭୃତି ଯୋଗ ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ପର୍ଯ୍ୟବେକ୍ଷକ ଭାବେ ଡ. ପ୍ରବୀର କୁମାର ମହାନ୍ତି ଓ ନୀଳକଣ୍ଠ ମିଶ୍ର ପ୍ରମୁଖ ଟିମ୍ ଉପସ୍ଥିତ ରହି ଖେଳାଳି ଚୟନ କରିଥିଲେ। ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଆଶୁ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଥିଲା। ତ୍ରିନାଥ ସାମନ୍ତରାୟ ଓ ତାଙ୍କ ଟିମ୍ ରେଫରି ଭାବେ ଯୋଗଦେଇ ଖେଳ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟକୁ କଲେଜର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ପରିଚାଳନା କରିଥିଲେ।

## ସଂକ୍ଷେପରେ

### କାର୍ କାଚ ଭାଙ୍ଗି ବ୍ୟାଟେରି ଚୋରି

କଟକ,୧।୧୧ (କାର୍ତ୍ତିକ ସାହୁ)

ଜଗତପୁର ଥାନା ଅଧୀନ ଗୁଞ୍ଜରପୁର ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ କାର କାଚ ଭଙ୍ଗାଯାଇ ବ୍ୟାଟେରି ଚୋରି ହୋଇଛି। ଗୁଞ୍ଜରପୁରସ୍ଥିତ କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ତହୁର ଖାଁ ନାମକ ଜଣେ ବ୍ୟବସାୟୀଙ୍କର ଘର ରହିଛି। ସେ ପ୍ରତିଦିନ ଭଳି ଘର ସମ୍ମୁଖରେ ତାଙ୍କର ଏକ କାର ପାର୍କିଂ କରିଥିଲେ। କିନ୍ତୁ ଗୁରୁବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଉକ୍ତ କାର କାଚ ଭାଙ୍ଗି ବ୍ୟାଟେରି ଚୋରି କରିନେଇଥିଲେ। ଶୁକ୍ରବାର ସକାଳୁ ତାଙ୍କ ପରିବାର ଲୋକେ କାର୍ କାଚ ଭଙ୍ଗାଯାଇ ବ୍ୟାଟେରୀ ଚୋରି ହୋଇଥିବା ଦେଖିଥିଲେ। ଏନେଇ ତାଙ୍କ ପରିବାର ସଦସ୍ୟ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳ ନିକଟରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପ୍ରୟାସ ଆରମ୍ଭ କରିଛି।

### ସିପିଆଇ(ଏମ୍)ର କଟକ ମହାନଗର ଆଞ୍ଚଳିକ ସମ୍ମିଳନୀ

କଟକ,୧।୧୧ (କାର୍ତ୍ତିକ ସାହୁ)

ଏକ ଦେଶ-ଏକ ନିର୍ବାଚନ ନାମରେ ଗଣତନ୍ତ୍ରକୁ ହତ୍ୟା କରିବା ବନ୍ଦ କର, ଅଣ୍ଟା ଭଙ୍ଗା ଦରବୃଦ୍ଧି ବନ୍ଦ କର, ବେକାରିଙ୍କୁ ନିଯୁକ୍ତି ଓ ବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନା ବନ୍ଦ ଦାବିରେ ସିପିଆଇ(ଏମ୍)ର କଟକ ମହାନଗର ୧୪ତମ ସମ୍ମିଳନୀ ମହାନଦୀ ବିହାରସ୍ଥିତ ସେଲିବ୍ରେଶନ ମଣ୍ଡପଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାତ୍ମା ଗାନ୍ଧୀ, ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ସୁଭାଷ ଚନ୍ଦ୍ର ବୋଷ ଓ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବରିଷ୍ଠ ନେତା ଜନାର୍ଦ୍ଦନ ପତି ପତାକା ଉତ୍ତୋଳନ କରି ଦେଶପାଇଁ ପ୍ରାଣବଳି ଦେଇଥିବା ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବରିଷ୍ଠ ନେତା ନିର୍ମଳ ଦାସ ଓ ସୁଭ୍ରା ମହାପାତ୍ରଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ପ୍ରତାପ ମହାପାତ୍ର ବିବରଣୀ ପାଠ କରିଥିଲେ। ବିବରଣୀ ଉପରେ ୧୨ ଜଣ ପ୍ରତିନିଧି ଆଲୋଚନା କରିବା ପରେ କେତେକ ସଂଶୋଧନ ସହ ବିବରଣୀ ଗୃହୀତ ହୋଇଥିଲା। ଏଥିସହ ଆସନ୍ତା ୩ ବର୍ଷ ପାଇଁ ପ୍ରତାପ ମହାପାତ୍ର, ଚନ୍ଦ୍ରକାନ୍ତ ବେହେରା, ରିତ୍ୱିକ ମହାନ୍ତି, ବିରଞ୍ଚି ପ୍ରଧାନ, ଭଞ୍ଜକିଶୋର ବେହେରା, ଭରତ ପଣ୍ଡା ଓ ବୁଲି ସାହୁଙ୍କୁ ନେଇ ଏକ ୭ଜଣିଆ କମିଟି ମନୋନୀତ ହୋଇଥିଲା। କମିଟିରେ ସମ୍ପାଦକ ଭାବେ ପୁନର୍ବାର ପ୍ରତାପ ମହାପାତ୍ର ମନୋନୀତ ହୋଇଥିଲେ। ସନ୍ଧ୍ୟାରେ ପଥପ୍ରାନ୍ତ ସଭାରେ ଜିଲା ସମ୍ପାଦକ ବଦ୍ରି ନାରାୟଣ ଦାଶ, ଇଂ. ମନମୋହନ ପତି ଏବଂ ବରିଷ୍ଠ ନେତା ରବିନାରାୟଣ ମଲ୍ଲିକ ପ୍ରମୁଖ ବକ୍ତବ୍ୟ ଦେଇ ଧର୍ମ ନାମରେ ବିଭାଜନକାରୀ ନୀତିଗୁଡ଼ିକର ସମାଲୋଚନା କରିଥିଲେ। ପାଲେଷ୍ଟାଇନରେ ତୁରନ୍ତ ଯୁଦ୍ଧ ବିରତି କରି ନରହତ୍ୟା ବନ୍ଦ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା।

# ଏଥର ବାଲିଯାତ୍ରାରେ କୃଷକଙ୍କୁ ସ୍ୱତନ୍ତ୍ର ଗୁରୁତ୍ୱ



ବାଲିଯାତ୍ରାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆୟୋଜନ ନିମନ୍ତେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ଓ ଅନ୍ୟମାନେ।

କଟକ,୧।୧୧ (କାର୍ତ୍ତିକ ସାହୁ)

ଚଳିତବର୍ଷ ବାଲିଯାତ୍ରାରେ କୃଷକଙ୍କୁ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେବାକୁ ଯୋଜନା ପ୍ରସ୍ତୁତ କରାଯାଇଛି। ଏଥିପାଇଁ ବାଲିଯାତ୍ରାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆୟୋଜନ ନିମନ୍ତେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ କକ୍ଷଠାରେ ଅନୁଷ୍ଠିତ ବୈଠକରେ ଏନେଇ ବିଚାରବିମର୍ଶ କରାଯାଇଛି। ବିଭିନ୍ନ ବିଭାଗର ସହଭାଗିତା ତଥା ସମ୍ପୃକ୍ତିରେ ଏହି ମେଳା ଆୟୋଜନ ହେବ। ଏଥିରେ ଚାଷୀ, ପ୍ରାଣୀପାଳକ ଓ ରକ୍ଷକ ତଥା କୃଷକଙ୍କ ନିମନ୍ତେ ସ୍ୱତନ୍ତ୍ର ସଭା ଆୟୋଜନ କରାଯିବ। ଏଥିରେ କୁଶଳୀ କୃଷିବିଦ୍ୟା ଓ ଯନ୍ତ୍ରପାତି ବ୍ୟବହାରିତା ସମ୍ପର୍କରେ ମଧ୍ୟ ଆଲୋଚନା କରାଯିବ। ପ୍ରତ୍ୟେକ ବ୍ଲକରୁ ଚାଷୀ ଓ କୃଷକଙ୍କୁ ସଭାସ୍ଥଳକୁ ଆଣିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଏନେଇ ନିର୍ଦ୍ଦିଷ୍ଟ କାର୍ଯ୍ୟପ୍ରଣାଳୀ ପ୍ରସ୍ତୁତ କରିବାକୁ ଅତିରିକ୍ତ ଜିଲାପାଳ ମତବ୍ୟକ୍ତ କରିଛନ୍ତି। ଏହି ମେଳା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ସମେତ କୃଷି, ଉଦ୍ୟାନ କୃଷି, ଦୁଗ୍ଧ ସଂଘ, ଜିଲା ଶିଳ୍ପକେନ୍ଦ୍ର, ନାବାର୍ଡ, ଜଳାଶୟ ଆଦି ବିଭାଗର ସହଭାଗିତାରେ ଆୟୋଜନ ହେବ। ମୁଖ୍ୟ ଜିଲା ପ୍ରାଣୀସମ୍ପଦ ଅଧିକାରୀ ଡାକ୍ତର ବିଭୁ ରଞ୍ଜନ ଦାସ, ମୁଖ୍ୟ ଜିଲା କୃଷି ଅଧିକାରୀ ଅଶୋକ କୁମାର କର, ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ତରୁଣ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ସେହିପରି ବାଲିଯାତ୍ରାରେ ବିଭିନ୍ନ ବ୍ୟାଙ୍କ କର୍ମଚାରୀଙ୍କ ଯୋଗଦାନ ପାଇଁ ଏକ ବୈଠକ ଅତିରିକ୍ତ ଜିଲାପାଳ ରାଜଙ୍କ ଅଧ୍ୟକ୍ଷତାରେ ଜିଲା ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।

### ୭୫ ଲକ୍ଷ ଲୋକଙ୍କ ସମାଗମ ଆକଳନ

ଏଥର ୭୫ ଲକ୍ଷ ଲୋକଙ୍କ ସମାଗମ ହେବାର ଆକଳନ କରାଯାଇଛି। ତେଣୁ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଗତବର୍ଷ ଭଳି ପାଟ୍ରୋନ ଓ ସେବା ଭିତ୍ତିକ ସହଯୋଗ ନେଇ ବୈଠକରେ ଗୁରୁତ୍ୱଆରୋପ କରାଯାଇଛି। ବ୍ୟାଙ୍କଗୁଡ଼ିକର ଷ୍ଟଲ ପାଇଁ ଅଗ୍ରାଧିକାର ଭାବରେ ଜମି ଯୋଗାଇ ଦିଆଯିବ। ବାଲିଯାତ୍ରାରେ ପକେଟ ମାର ଭଳି ଅପରାଧକୁ ପ୍ରତିହତ କରିବା ପାଇଁ କ୍ୟାସ୍‌ଲେସ୍ ଓ ଡିଜିଟାଲ କାରବାରର ସୁବିଧା ପ୍ରଦାନ କରାଯିବ। ବିଭିନ୍ନ ବ୍ୟାଙ୍କର ଏଟିଏମ୍‌କୁ ଟିପିସିଓଡିଏଲ ପକ୍ଷରୁ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦିଆଯିବ। ପାଟ୍ରୋନ୍ ବ୍ୟାଙ୍କ ପାଇଁ ବର୍ଗଫୁଟ ୫୦୦ ଟଙ୍କା ଓ ନନ୍ ପାଟ୍ରୋନ ବ୍ୟାଙ୍କ ପାଇଁ ବର୍ଗଫୁଟ ୫୦ ଟଙ୍କା ହିସାବରେ ଜମି ଯୋଗାଇ ଦିଆଯିବ। ତେଣୁ ବ୍ୟାଙ୍କଗୁଡ଼ିକ ୨ ତାରିଖ (ଶନିବାର) ଅପରାହ୍ନ ୩ଟା ସୁଦ୍ଧା ସେମାନଙ୍କର ଜମି ଆବଶ୍ୟକତା ନେଇ ପ୍ରଶାସନକୁ ଅବଗତ କରାଇବା ପାଇଁ ଅତିରିକ୍ତ ଜିଲାପାଳ ଅନୁରୋଧ କରିଛନ୍ତି।



କଟକ ରାଣୀହାଟ କ୍ଲକ୍ ଟାୱାରରେ ଲାଗିଥିବା ଘଣ୍ଟାରେ ଭିନ୍ନ ସମୟ।

# ଭିକାରୀ ବଳଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ପୁନଃ ସ୍ଥାପିତ



ଭିକାରୀ ବଳଙ୍କ ପ୍ରତିମୂର୍ତ୍ତି ନିକଟରେ ବିଧାୟକ, ମେୟର ଓ କମିଶନରଙ୍କ ସମେତ ଅନ୍ୟମାନେ।

କଟକ,୧।୧୧ (କାର୍ତ୍ତିକ ସାହୁ)

ଭଜନ ସମ୍ରାଟ ଭିକାରୀ ବଳଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି କଟକ ଖାନ୍‌ନଗର ପାର୍କ ପରିସରରେ ଶୁକ୍ରବାର ଅପରାହ୍ନରେ ପୁନଃ ସ୍ଥାପିତ ହୋଇଛି। ଏଥିରେ କଟକ ମହାନଗର ନିଗମ (ସିଏମ୍‌ସି) ମେୟର ସୁବାସ ସିଂ, ବିଧାୟକ ସୌଭିକ୍ ବିଶ୍ୱାଳ, ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର, ୱାର୍କ୍ସ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, କର୍ପୋରେଟର ଗୋପାଳ ବେହେରା, ଭିକାରୀ ବଳ ସ୍ମୃତି କମିଟି ସମ୍ପାଦକ ସୁନାକର ରାଉତ ଉପସ୍ଥିତ ଥିଲେ। ଚଳିତ ମାସରେ ସିଏମ୍‌ସି ପକ୍ଷରୁ ୮୯ ଲକ୍ଷ ଟଙ୍କାର ଏକ ଟେଣ୍ଡର ପ୍ରକ୍ରିୟା କରାଯାଇ ପାର୍କଟିକୁ ପୁନଃ ବ୍ୟବସ୍ଥିତ ଓ ସମ୍ପ୍ରସାରଣ ହେବାର ଯୋଜନା କରାଯାଇଛି ବୋଲି ମେୟର ସୂଚନା ଦେଇଛନ୍ତି। ଭିକାରୀ ବଳଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ପୂର୍ବରୁ ଖାନ୍‌ନଗର ପାର୍କରେ ଅବସ୍ଥାପିତ ହୋଇଥିଲା। ନେତାଜୀ ବସ୍ ଟର୍ମିନାଲର ନିର୍ମାଣ ଏବଂ ସମ୍ମୁଖ ରାସ୍ତା ୬ ଲେନ୍ ସମ୍ପ୍ରସାରଣ କାର୍ଯ୍ୟ ହେବା ଦ୍ୱାରା ଉକ୍ତ ପାର୍କରୁ ଭିକାରୀ ବଳଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିକୁ ନେଇ ସୁରକ୍ଷିତ ସ୍ଥାନରେ ରଖାଯାଇଥିଲା।

# ବିଜ୍ଞାନ ମେଳାରେ ୫୦ ପ୍ରକଳ୍ପ ପ୍ରଦର୍ଶିତ

ଚୌଦ୍ୱାର,୧।୧୧ (ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ କଳିଙ୍ଗ ନୋଡାଲ ବିଦ୍ୟାପୀଠରେ ଶୁକ୍ରବାର ଆନ୍ତଃବିଦ୍ୟାଳୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଇମ୍ପାର ଡିଜିଏମ୍ ନିରଞ୍ଜନ ସାହୁ ଓ ବରିଷ୍ଠ ଅଧିକାରୀ ସୁନୀଲ ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ନାଥଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଆଇଟିଟି ଅଧ୍ୟକ୍ଷ କାହ୍ନୁଚରଣ ଦାସ, ଉପାଧ୍ୟକ୍ଷ ଗୌତମ କୁମାର ଭଟ୍ଟାଚାର୍ଯ୍ୟ, ପ୍ରାଧାପିକା ସୁନନ୍ଦା ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପତି ଓ ଶୈବାଳିନୀ ପଣ୍ଡା ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ଏଥିରେ ପୂର୍ବତନ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ମହାନ୍ତି, ଗୌତମ କୁମାର ଆଚାର୍ଯ୍ୟ, ଡ. ଜୟନ୍ତ କୁମାର ସାହୁ, ବିକାଶ ଦାସ, ଆଲୁମ୍ନି କମିଟି ଅଧ୍ୟକ୍ଷ ତଥା ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ପ୍ରଦୀପ୍ତ ପଣ୍ଡା ଓ ସସ୍ମିତା ମଣ୍ଡଳଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କଳ୍ପଲତା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ପୋଲିସ ଫୁଟବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ




ଫୁଟବଲ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ସମାରୋହରେ ପ୍ରତିଯୋଗୀ ମାର୍ଚ୍ଚପାଷ୍ଟ କରୁଛନ୍ତି।

କଟକ,୧।୧୧ (କାର୍ତ୍ତିକ ସାହୁ)

ଓଡ଼ିଶା ପୋଲିସ ପକ୍ଷରୁ ୭୯ତମ ଫୁଟବଲ ଚାମ୍ପିୟନଶିପ୍ ଶୁକ୍ରବାର ସ୍ଥାନୀୟ ଓଏସଏପି ଷଷ୍ଠ ବାଟାଲିୟନ ପରିସରରେ ଆରମ୍ଭ ହୋଇଛି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାର ଚାମ୍ପିୟନଶିପ୍‌କୁ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚ ଗୁଡ଼ିକ ମଧ୍ୟରେ ଓଏସ୍ଏପି ଷଷ୍ଠ ବାଟାଲିୟନ ୩-୦ ଗୋଲରେ କେନ୍ଦ୍ରପଡ଼ାକୁ ପରାସ୍ତ କରିଛି। ଓଏସଏପି ତୃତୀୟ ଏସଏସବିଏନ, ଗଜପତି ଓ ୪ର୍ଥ ଆଇଆରବିଏନ, ଦେଓଗଡ଼ ମଧ୍ୟରେ ଗୋଲ ବିନା ଡ୍ର ରହିଛି। ଓଏସଏପି ୫ମ ବିଏନ ବାରିପଦା, ୩ୟ ଆଇଆଇବିଏନ ଯାଜପୁରକୁ ୨-୧, ବାଲେଶ୍ୱର ଦଳ, ଓଏସଏପି ୪ର୍ଥ ଏସଏସବିଏନ ମାଲକାନଗିରିକୁ ୪-୦, ସମ୍ବଲପୁର ଦଳ ବଲାଙ୍ଗିରକୁ ୧-୦ , କମିଶନରେଟ-ଏ ଦଳ, ଓଏସଏପି ୮ମ ବିଏନ, ଛତ୍ରପୁରକୁ ୪-୦ ଗୋଲରେ ହରାଇଥିବାବେଳେ କୋରାପୁଟ ଓ କନ୍ଧମାଳ ମ୍ୟାଚ ଡ୍ର ରହିଛି।

ସୁନ୍ଦରଗଡ଼ ଦଳ ଖୋର୍ଦ୍ଧା ବିରୁଦ୍ଧରେ ୩-୦ , ବ୍ରହ୍ମପୁର ଦଳ, ଓଏସଏପି ୩ୟ ବିଏନ, କୋରାପୁଟକୁ ୩-୧ରେ ହରାଇଛି ଏବଂ ପୁରୀ ଓ ୭ମ ଏସଆଇଆରବିଏନ, କୋରାପୁଟ ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ଗଞ୍ଜାମ ଦଳ ୩-୧ରେ କେନ୍ଦୁଝରକୁ ପରାସ୍ତ କରିଛି। ରାଜ୍ୟର ୪୩ଟି ଜିଲା ଏବଂ ବାଟାଲିୟନ୍ ପୋଲିସ ଟିମର ୮୩୪ ଖେଳାଳି ଏଥିରେ ଅଂଶଗ୍ରହଣ କରିଛନ୍ତି। ଷଷ୍ଠ ବାଟାଲିୟନ ପଡ଼ିଆ, ରେଭେନ୍‌ଶା, ସିଆରଆରଆଇ ଏବଂ ଖାନନଗର ଆଦି ୪ ପଡ଼ିଆରେ ଖେଳ ହେଉଛି। ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଏହି ଖେଳ ଚାଲିବ। ଉଦଘାଟନ ସମାରୋହରେ ଆଇଜିପି (କମ୍ୟୁନିକେସନ) ଗଜଭିୟେ ସତୀଶ କୁମାର ଉପସ୍ଥିତ ଥିବା ବେଳେ କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ, ଏଆଇଜି (ମୁଖ୍ୟାଳୟ) ସୁରେଶ ନାଏକ, ଡେପୁଟି କମାଣ୍ଡାଣ୍ଟ ଅନିଲ ପ୍ରଧାନ, ଡେପୁଟି କମାଣ୍ଡାଣ୍ଟ ଭାନୀ ଶଙ୍କର ସେଠ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନ୍ଧାତା ସାଇ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

# ଛାତ୍ରୀଛାତ୍ରଙ୍କ ପ୍ରତିଭାର ବିକାଶ କରୁଛି ସୁରଭି

ବାଙ୍କୀ,୧।୧୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ବ୍ଲକ ପକ୍ଷରୁ ଶୁକ୍ରବାର ବନ୍ଦାଳୋ ଉତ୍ତର କୁଲାଟ ସରକାରୀ ଉଚ୍ଚବିଦ୍ୟାଳୟରେ ସୁରଭି-୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ ମୁଖ୍ୟବକ୍ତା, ଜିଲାପରିଷଦ ସଭ୍ୟା ରଶ୍ମିରେଖା ପଣ୍ଡା, ବନ୍ଦାଳୋ ସରପଞ୍ଚ ପ୍ରିୟଦର୍ଶିନୀ ସ୍ୱାଇଁ, ସମିତି ସଭ୍ୟା ସରଳା ମାନସିଂହ, ଉତ୍ତରକୁଲାଟ ବିଦ୍ୟାପୀଠ ପରିଚାଳନା କମିଟି ସଭାପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ୧୨୯ ଶିକ୍ଷାନୁଷ୍ଠାନର ୧୦ଟି କ୍ଲଷ୍ଟରର ବରିଷ୍ଠ ଓ କନିଷ୍ଠ ବିଭାଗର ୨୨୦ଜଣ ପ୍ରତିଯୋଗୀ ଭାଗନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ସନ୍ତୋଷ କୁମାର ସେଠୀ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବଳରାମ ମୁଦୁଲି, ମା'ଦୁର୍ଗା ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ରଥ, ବିଆର୍‌ସିସି ରୁକ ନାୟକ ପ୍ରମୁଖ ଯୋଗଦେଇ ମାନପତ୍ର ଓ ଟ୍ରଫି ବଣ୍ଟନ କରିଥିଲେ।

### ବ୍ଲକସ୍ତରୀୟ କାର୍ଯ୍ୟକ୍ରମ

ସେହିପରି ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ପଞ୍ଚାୟତ ସରକାରୀ ଉଚ୍ଚବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଡମପଡ଼ା ଯୁକ୍ତ ୨ ମହାବିଦ୍ୟାଳୟ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ସାମଲ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମୋ ସ୍କୁଲ ଅଧ୍ୟକ୍ଷ ସଞ୍ଜୟ କୁମାର ମହାରଣା, ସ୍କୁଲ ପରିଚାଳନା ଅଧ୍ୟକ୍ଷ ବିଜୟ ମହାନ୍ତି, ଏବିଇଓ ଜୟନ୍ତୀ ବିଶ୍ୱାଳ ଯୋଗଦେଇଥିଲେ। ଭାରପ୍ରାପ୍ତ ବିଆର୍‌ସିସି ପ୍ରଫୁଲ୍ଲ କୁମାର ବେହେରା ସଭାପତିତ୍ୱ କରିଥିଲେ। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ ପଟେଲ, ଜିଲାପରିଷଦ ସଭ୍ୟ ଆଶିଷ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ଜ୍ୟୋତିର୍ମୟୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# 'ସୁରକ୍ଷିତ ଯାତ୍ରା ଆମର ଅଧିକାର'

କଟକ,୧।୧୧ (କାର୍ତ୍ତିକ ସାହୁ)

ଓମେନ ଆଣ୍ଡ ଚାଇଲ୍ଡ ୱେଲଫେୟାର ସୋସାଇଟି ଓ ଜନଶିକ୍ଷଣ ସଂସ୍ଥା ମିଳିତ ସହଯୋଗ ଏବଂ ଗ୍ଲୋବାଲ ଆଲାଏନ୍ସ ଅଫ୍ ଏନଜିଓ ଫର୍ ରୋଡ୍ ସେଫ୍ଟି ସହାୟତାରେ ସୁରକ୍ଷିତ ଯାତ୍ରା ଆମର ଅଧିକାର ଶୀର୍ଷକ ଆଲୋଚନାଚକ୍ର ଜନଶିକ୍ଷଣ ସଂସ୍ଥାର ସିଡିଏସ୍ଥିତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜନଶିକ୍ଷଣ ସଂସ୍ଥାର ନିର୍ଦ୍ଦେଶିକା ଅନିମା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ଦ୍ୱୀପାୟନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଡ. ବିକାଶ ମହାପାତ୍ର, ଡ. ଅଜୟ ମହାପାତ୍ର, ମିନତି ବିଦ୍ଧାଣି ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ସମ୍ବନ୍ଧିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ୩୦ କି.ମି. ବେଗରେ ଗାଡ଼ି ଚାଳନା, ପଥଚାରୀଙ୍କ ପାଇଁ ଫୁଟ୍‌ପାଥ୍ ନିର୍ମାଣ, ସୁରକ୍ଷିତ ଗାଡ଼ି ଚାଳନା ନିମନ୍ତେ ହେଲ୍‌ମେଟ୍ ବ୍ୟବହାର, ପ୍ରାଥମିକ ଚିକିତ୍ସା, ସୁରକ୍ଷିତ ଯାତାୟାତ, ସହରର ଗଳିଗୁଡ଼ିକରେ କମ ବେଗରେ ଗାଡ଼ି ଚାଳନା, ସୁରକ୍ଷିତ ଭାବେ ରାସ୍ତା ପାରି ହେବା ଆଦିକୁ ଗୁରୁତ୍ୱ ଦିଆଯାଇଥିଲା। ଜନଶିକ୍ଷଣ ସଂସ୍ଥାର ସହାୟକ କାର୍ଯ୍ୟକ୍ରମ ପରିଚାଳିକା ଶୁଭଶ୍ରୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଏହି ଆଲୋଚନାଚକ୍ରରେ ଛାତ୍ରୀଛାତ୍ର, ଜନଶିକ୍ଷଣ ସଂସ୍ଥାର କର୍ମଚାରୀ ଓ ସାମାଜିକ କର୍ମୀ ଯୋଗଦେଇଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।




କଟକ ଖାନ୍‌ନଗର ନେତାଜୀ ବସ୍ ଟର୍ମିନାଲ ନିକଟରୁ ଷ୍ଟୁଡେଣ୍ଟ୍ସ ଏଗେନେଷ୍ଟ କରପସନ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ନିଯୁକ୍ତି ଦୁର୍ନୀତି ବିରୋଧରେ ଶୁକ୍ରବାର ବାହାରିଥିବା ମଶାଲ ଶୋଭାଯାତ୍ରା।




କଟକ ଟାଙ୍ଗୀସ୍ଥିତ ଡ୍ରିମ୍‌ସ ୟୁନିଭର୍ସିଟି ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

# ଭଲ ପାଠପଢ଼ି ଭବିଷ୍ୟତ ଗଢ଼: ପୃଥ୍ୱୀରାଜ

## ବାଲୁଗାଁ ଉଚ୍ଚ ବିଦ୍ୟାଳୟର ୭୬ତମ ପ୍ରତିଷ୍ଠା ଦିବସ

ବାଲୁଗାଁ,୧।୧୧(ସଂଗ୍ରାମ ପାଇକରାୟ)

ବାଲୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ୭୬ତମ ପ୍ରତିଷ୍ଠା ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଧୀନା ମଞ୍ଜରୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅତିଥିଭାବେ ଏମ୍‌ପି ଡା.ସମ୍ବିତ ପାତ୍ର ଯୋଗଦେଇଥିଲେ। ଏହି ବିଦ୍ୟାଳୟ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ସମଗ୍ର ଖୋର୍ଦ୍ଧା ଜିଲା ଏବଂ ଓଡ଼ିଶାରେ ପରିଚିତ। ବିଦ୍ୟାଳୟର ଟେକ ରଖିବା ପାଇଁ ଛାତ୍ରୀଛାତ୍ର ଶୃଙ୍ଖଳିତ ହୋଇ ଭଲ ପାଠ ପଢ଼ ଏବଂ ଏକ ଆଦର୍ଶମୟ ଭବିଷ୍ୟତ ଗଢ଼ ବୋଲି ମନ୍ତ୍ରୀ ହରିଚନ୍ଦନ ଉଦ୍‌ବୋଧନ ଦେଇଥିଲେ। ସେହିପରି ଏମ୍‌ପି ପାତ୍ର ସ୍କୁଲର ଆବଶ୍ୟକତାକୁ ପୂରଣ ନିମନ୍ତେ ପ୍ରତିଶ୍ରୁତି ଦେବା ସହ ଏକ ଆଦର୍ଶ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ନେଇ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ବରପୁତ୍ରମାନଙ୍କ ପ୍ରତମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିବା ପରେ ସଭାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଂସ୍କୃତ ଶିକ୍ଷକ ଆଲୋକ କୁମାର ପାଢଶାଣୀ ମଞ୍ଚ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ଗୋପୀନାଥ ପ୍ରଧାନ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ବାଲୁଗାଁ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଘ୍ନେଶ୍ୱର ପ୍ରଧାନ, ପଞ୍ଚଶାଖା ଶିକ୍ଷା ସେତୁର ସଭାପତି ବିଜୟ କୁମାର ନାୟକ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପକ୍ଷରୁ ସମସ୍ତ ଅତିଥିଙ୍କୁ ଚାରା ପ୍ରଦାନ କରାଯାଇଥିଲା। ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ବିଦ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ।


ବିଦ୍ୟାଳୟ ପକ୍ଷରୁ ଅତିଥିମାନଙ୍କୁ ଚାରା ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ୩ରୁ ରାସୋଲରେ ରାମଚରିତମାନସ ଜ୍ଞାନଯଜ୍ଞ

ବୋଲଗଡ଼,୧।୧୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସାନପଦର ପଞ୍ଚାୟତର ରାସୋଲ ଗ୍ରାମଠାରେ ଆସନ୍ତା ୩ ତାରିଖରୁ ରାମଚରିତ ମାନସ ପାରାୟଣ ଜ୍ଞାନଯଜ୍ଞ ଆରମ୍ଭ ହେବ। ହନୁମାନ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଏହି ଉତ୍ସବ ୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସାଧୁ ଗୌତମ ମହାରାଜଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ଜ୍ଞାନଯଜ୍ଞରେ ବ୍ୟାସଭାବେ ଲକ୍ଷ୍ମୀକାନ୍ତ ମହାପାତ୍ର ଓ ଆଚାର୍ଯ୍ୟଭାବେ ଅନିରୁଦ୍ଧ ପଣ୍ଡା ଦାୟିତ୍ୱ ନିର୍ବାହ କରିବେ। ବିଭିନ୍ନ ଦିବସରେ ଜଳାଧିବସ, ଘଟସ୍ଥାପନ, ସୂର୍ଯ୍ୟପୂଜା, ରାମାର୍ଚ୍ଚନ, ହନୁମାନ ଅର୍ଚ୍ଚନ, ହନୁମାନ ଚାଳିଶା, ଗୋ ପୂଜା, ସିନ୍ଦୂର ଅଭିଷେକ, ପାରାୟଣ ପଠନ, ଆହୁତି ପ୍ରଦାନ,ସନ୍ଧ୍ୟାଆଳତି, ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରବଚକ ହରିହର ଜେନା ଓ ରବୀନ୍ଦ୍ର କୁମାର ସାହୁ ସନ୍ଧ୍ୟାରେ ରାମକଥା ପରିବେଷଣ କରିବା ସହ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସନାତନ ବାରିକ, ଭାଗୀରଥି ସାହୁ, ପବିତ୍ର ବାରିକଙ୍କ ସହଯୋଗରେ ଭଜନ ସମାରୋହ ଅନୁଷ୍ଠିତ ହେବ। ରାସୋଲ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଗ୍ରାମର ମହାବୀର ହନୁମାନ ମଞ୍ଚର ସେବାକାରୀମାନେ ପରିଚାଳନା କରିବେ।

### ଭୂତଳ ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ

ଭୁବନେଶ୍ୱର, ୧।୧୧(ସୂର୍ଯ୍ୟକାନ୍ତ ବେହେରା)

ଦୀପାବଳି ରାତିରେ ରାଜଧାନୀ ଭୁବନେଶ୍ୱରର ଦୁଇଟି ସ୍ଥାନରେ ଅଗ୍ନିକାଣ୍ଡ ଘଟିଛି। କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ୍-୧ ଭୂତଳ ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ ଘଟି ଗୋଟିଏ ଲୁଗା ଦୋକାନ ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ବହୁ ଦୋକାନ କ୍ଷତିଗ୍ରସ୍ତ ହୋଇଛି। ଶର୍ଟସର୍କିଟ୍ କିମ୍ବା ଦୀପ ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଏଥିରେ ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ି ଯାଇଥିବା ସୂଚନା ମିଳିଛି। ସୂଚନାନୁସାରେ, ୟୁନିଟ-୧ ଓ ୟୁନିଟ-୨ ମାର୍କେଟକୁ ସଂଯୋଗ କରୁଥିବା ଭୂତଳ ମାର୍କେଟରେ ୨୬ଟି ଦୋକାନ ରହିଛି। ଗୁରୁବାର ରାତି ପ୍ରାୟ ୧୧ଟା ୪୦ରେ ମାର୍କେଟ ଭିତରୁ ପ୍ରବଳ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ଦମକଳ କେନ୍ଦ୍ର ଓ ଥାନାକୁ ଖବର ଦେଇଥିଲେ। ପ୍ରଥମେ କଳ୍ପନାରୁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାତ୍ର ତାହା ଏକ ଭୂତଳ ମାର୍କେଟ ହୋଇଥିବାରୁ ପ୍ରବେଶ ପଥ ଓ ପ୍ରସ୍ଥାନ ପଥରେ ପ୍ରବଳ ନିଆଁ ଓ ଧୂଆଁ ବାହାରୁଥିବାରୁ ଅଗ୍ନିଶମ କର୍ମଚାରୀ ପ୍ରାୟ ଘଣ୍ଟାଏ କାଳ ଉଦ୍ୟମ କରି ଭିତରେ ପଶି ପାରି ନ ଥିଲେ। ଏହାପରେ ଭେଣ୍ଟିଲେଶନ ବାଟକୁଭାଙ୍ଗି ଧୂଆଁ ବାହାର କରାଯାଇଥିଲା। ତା' ପରେ ଅଗ୍ନିଶମ କର୍ମଚାରୀମାନେ ଭିତରେ ପଶିଥିଲେ। ଏହି ନିଆଁ ଲିଭା କାର୍ଯ୍ୟରେ ୩ଟି ଟିମ୍ ୫ଟି ଦମକଳ ଗାଡି ସହ ନିୟୋଜିତ ହୋଇଥିଲେ। ସେମାନେ ପ୍ରାୟ ୪ ଘଣ୍ଟାର ଅପରେଶନ ପରେ ନିଆଁକୁ ଆୟତ୍ତ କରିଥିଲେ। ସେହିପରି କ୍ୟାପିଟାଲ ଥାନା ଅନ୍ତର୍ଗତ ବାପୁଜୀନଗର ଭେଣ୍ଡିଂ ଜୋନ୍‌ରେ ମଧ୍ୟ ଗୁରୁବାର ରାତି ୮ଟାରେ ଅଗ୍ନିକାଣ୍ଡ ଘଟିଥିଲା। ସାଇକେଲ ଦୋକାନରେ ନିଆଁ ଲାଗି ବହୁ ସାଇକେଲ ସହ ସାମଗ୍ରୀ ପୋଡ଼ିଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି।

# ୨ଦିନ ପାଳିଲେ ଦୀପାବଳି, ପୟାଶ୍ରାଦ୍ଧ

ଖୋର୍ଦ୍ଧା,୧।୧୧(ପ୍ରଭାତ ପାଣିଗ୍ରାହୀ)

ଦୁର୍ଗାପୂଜା ପରେ ଦୀପାବଳି ପାଳନକୁ ନେଇ ସୃଷ୍ଟି ହୋଇଥିଲା ଦ୍ୱନ୍ଦ୍ୱ। ବିଭିନ୍ନ ପାଞ୍ଜିରେ ଅକ୍ଟୋବର ୩୧ ଓ ନଭେମ୍ବର ୧ ତାରିଖ ଦୁଇଟି ଭିନ୍ନ ତାରିଖକୁ ନେଇ ବିଭ୍ରାନ୍ତି ସୃଷ୍ଟି ହୋଇଥିଲା। ଫଳରେ ଲୋକେ ଦୁଇ ଦିନ ଦୀପାବଳି ଉତ୍ସବ ପାଳନ କରିଥିବା ଦେଖିବାକୁ ମିଳିଛି। ଗୁରୁବାର କେତେଜଣ ପୟାଶ୍ରାଦ୍ଧ ଓ ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ରୀତିନୀତି ପ୍ରକାରେ ପରିବାର ସଦସ୍ୟ ଏକାଠି ହୋଇ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଏବଂ କାଉଁରିଆ କାଠି ଜାଳିଥିବା ଦେଖିବାକୁ ମିଳିଛି। ଦୀପାବଳିକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଥିବା ବେଳେ ଖୋର୍ଦ୍ଧାର ବିଭିନ୍ନ ସ୍ଥାନରେ ଦୁଇ ଦିନ ଧୁମଧାମରେ ଘର ବାରଣ୍ଡାରେ ଦୀପ ଜାଳି, ରଙ୍ଗିନ ଆଲୋକ ଲଗାଇ ଆଡ଼ମ୍ବରରେ ପାଳନ କରିଥିଲେ। ଏନେଇ ଶ୍ରୀରାମ ନଗରର ଗୋପାଳ ଦାସ କୁହନ୍ତି, ଗୁରୁବାର ମା'କାଳୀଙ୍କ ପୂଜାର୍ଚ୍ଚନା ସହ ପ୍ରଦୀପ ପ୍ରଜ୍ୱଳିତ କରିଥିବା ବେଳେ ଶୁକ୍ରବାର ମଧ୍ୟ ଦୀପ ଜାଳି ପାଳନ କରିଥିଲୁ।

ସେହିପରି ଗୁରୁଜଙ୍ଗ ଅବ୍ୟକ୍ତ ହରିହର ଖାଡଙ୍ଗା କୁହନ୍ତି, ଶ୍ରୀମନ୍ଦିର ନୀତିକାନ୍ତି ସହ ସଂସ୍କୃତି ପରମ୍ପରା ଜଡିତ। ସବୁ ପର୍ବପର୍ବାଣି ଶ୍ରୀମନ୍ଦିର ରୀତିନୀତି ସହ ପାଳିତ କରିଥାଉ। ଶୁକ୍ରବାର ଶ୍ରୀମନ୍ଦିର ନୀତି ଅନୁଯାୟୀ ଧୁମଧାମରେ ଦୀପାବଳି ଉତ୍ସବ ପାଳନ କରିଥିଲୁ। ସଂସ୍କୃତି ଗବେଷକ ଶକ୍ତିଶଙ୍କର ମିଶ୍ର କୁହନ୍ତି, ଓଡ଼ିଶାରେ ବିଭିନ୍ନ ପାଞ୍ଜିକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ବିଭିନ୍ନ ପର୍ବପର୍ବାଣୀରେ ପାଞ୍ଜିରେ ଭିନ୍ନ ତାରିଖକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛୁ। ପାଞ୍ଜି ଉପରେ ନିର୍ଭର କରୁଥିବା ସାଧାରଣ ଲୋକେ ହଇରାଣ ହେଉଛନ୍ତି। ସେହିଭଳି ବ୍ରାହ୍ମଣ ସମାଜର ସଦସ୍ୟ ଜ୍ଞାନରଞ୍ଜନ ଦାଶ କୁହନ୍ତି, ପୂଜା ପରମ୍ପରା ଅନୁଯାୟୀ ସୂର୍ଯ୍ୟୋଦୟ ଆଧାରରେ ଅନୁଷ୍ଠିତ ହୋଇଥାଏ। ସୂର୍ଯ୍ୟୋଦୟ ପରଠୁ ଯେଉଁ ତିଥି ନକ୍ଷତ୍ର ପଡିବ, ତଦନୁସାରେ ସେବାପୂଜା ହୋଇଥାଏ। ଶ୍ରୀମନ୍ଦିର ନୀତିକାନ୍ତି ସୂର୍ଯ୍ୟୋଦୟ ପରଠୁ ପାଳନ କରାଯାଏ। ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତିକାନ୍ତି ରହିଛି। ଏହାକୁ ସମସ୍ତେ ମାନିବା ଆବଶ୍ୟକ। ପାଞ୍ଜିରେ ତ୍ରୁଟି ରହିଲେ, ଲୋକେ ଭ୍ରମିତ ହେବା ସ୍ୱାଭାବିକ। ଶ୍ରୀମନ୍ଦିର ନୀତିକାନ୍ତିକୁ ନେଇ ଚାଲିଲେ, କୌଣସି ଅସୁବିଧା ହେବ ନାହିଁ। ତେବେ ଭିନ୍ନ ଭିନ୍ନ ପାଞ୍ଜିରେ ଭିନ୍ନତା ଉପରେ ତର୍ଜମା ଜରୁରୀ ବୋଲି ସେ କହିଛନ୍ତି।



### ମହିଳାଙ୍କ ବେକରୁ ସୁନାଚେନ ଲୁଟ୍

ଭୁବନେଶ୍ୱର୧।୧୧(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱରରେ ଲୁଟେରାଙ୍କ ପାଦୁର୍ଭାବ ବଢ଼ିଚାଲିଛି। ଦୀପାବଳିରେ ରାଜଧାନୀରେ ଜଣେ ମହିଳା ଛିନ୍‌ତାଇର ଶିକାର ହୋଇଛନ୍ତି। ମଧୁସୂଦନ ନଗର ଅଞ୍ଚଳର ଉକ୍ତ ମହିଳା ଜଣକ ଖାରବେଳ ନଗର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ମହିଳା ଜଣକ ତାଙ୍କ ଭାଇଙ୍କ ଘରୁ ଦୀପାବଳି ଉତ୍ସବ ସାରି ରାତି ପାଖାପାଖି ୯ଟାରେ ନିଜେ ରହୁଥିବା ଆପାର୍ଟମେଣ୍ଟକୁ ଫେରୁଥିଲେ। ଦୁଇଜଣ ଯୁବକ ବାଇକରେ ଆସି ହଠାତ ଗାଳି ଗୁଲଜ କରିବା ସହ ଧମକ ଦେଇଥିଲେ। ଏହାପରେ ସେମାନେ ତାଙ୍କ ବେକରୁ ସୁନା ଚେନ ନେଇ ଫେରାର ହୋଇ ଯାଇଥିଲେ। ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଚଳାଇଛି।

### ନାବାଳିକାଙ୍କ ଆପତ୍ତିଜନକ ଫଟୋ ଉଠାଇ ଧମକ, ଯୁବକ ଗିରଫ

ମାରିବାକୁ କଟୁରି ଧରି ଖୋଜୁଥିଲେ

ଭୁବନେଶ୍ୱର, ୧।୧୧(ସୂର୍ଯ୍ୟକାନ୍ତ ବେହେରା)

ବନ୍ଧୁତା ବାହାନାରେ ନାବାଳିକା ଛାତ୍ରୀଙ୍କ ସହ ବିଶ୍ୱାସଘାତକତା କଲେ ଯୁବକ। ନିଶା ଦେଇ ଅଚେତ କରିବା ପରେ ଛାତ୍ରୀଙ୍କ ଆପତ୍ତିଜନକ ଫଟୋ ଉଠାଇ ବ୍ଲାକ୍‌ମେଲ କଲେ। ବିବାହ କରିବାକୁ ଜିଦ୍ ଧରି ନିରାଶ ହେବାରୁ କଟୁରି ଧରି ମାରିବାକୁ ଉଦ୍ୟମ କରୁଥିବାବେଳେ ବାଲିଅନ୍ତା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ରାଜକିଶୋର ନାୟକ(୨୧)। ତାଙ୍କଠାରୁ ପୋଲିସ ମୋଟରସାଇକେଲ ଜବତ କରିଛି। ସୂଚନାନୁସାରେ, ପୀଡିତା ନାବାଳିକା ଛାତ୍ରୀ ଜଣକ ମାମୁ ଘରକୁ ବୁଲିବାକୁ ଯାଇଥିବା ବେଳେ ଅଭିଯୁକ୍ତଙ୍କ ସହିତ ପରିଚୟରୁ ପରେ ବନ୍ଧୁତା ହୋଇଥିଲା। ଛାତ୍ରୀ ଜଣକ କଲେଜରୁ ଘରକୁ ଫେରିବା ନିମନ୍ତେ ଅଟୋକୁ ଅପେକ୍ଷା କରିଥିବା ବେଳେ ଅଭିଯୁକ୍ତ ସେଠାରେ ପହଞ୍ଚି ତାଙ୍କୁ ନିଜ ମୋଟରସାଇକେଲରେ ଘରେ ଛାଡ଼ିବାକୁ କହି ବାଟରେ ବ୍ରାହ୍ମଣଷଡଙ୍ଗୀ ଛକରେ ଥଣ୍ଡା ପାନୀୟରେ ନିଶା ଦେଇ ଜୟଦେବ ପାର୍କକୁ ନେଇଯାଇଥିଲେ। କିଛି ସମୟ ପରେ ସେ ଅଚେତ ହୋଇପଡିବାରୁ ଅଭିଯୁକ୍ତ ତାଙ୍କର କିଛି ଆପତ୍ତିଜନକ ଫଟୋ ଉଠାଇଥିଲେ। ପରେ ଉକ୍ତ ଫଟୋ ଗୁଡିକୁ ମାଧ୍ୟମ କରି ପୀଡିତାଙ୍କୁ ବିବାହ କରିବା ଲାଗି ତାଙ୍କ ଘର ଲୋକଙ୍କୁ ବାଧ୍ୟ କରିଥିଲେ। ପରିବାର ସଦସ୍ୟ ଏଥିରେ ରାଜି ନ ହେବାରୁ ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ଜଣକ ଅକ୍ଟୋବର ୩୦ ସକାଳେ ପୀଡିତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ସାଙ୍ଗରେ କଟୁରି ନେଇ ତାଙ୍କ ଘରେ ପହଞ୍ଚି ଉତ୍ପାତ କରିଥିଲେ। ସ୍ଥାନୀୟ ଲୋକେ ଏକାଠି ହେଉଥିବା ଦେଖି ସେ ପଳାଇଥିଲେ। କିଛି ସମୟ ପରେ ପୁଣି ସେଠାକୁ ଆସି ନାବାଳିକାଙ୍କୁ ଖୋଜିଥିଲେ। ଏହା ଦେଖି ପୀଡିତା ଡାକ ପକାଇବାରୁ ଗ୍ରାମବାସୀ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

# ନିୟମକୁ ଫୁଁ, ରାତିସାରା ଫୁଟାଇଲେ ବାଣ

ଖୋର୍ଦ୍ଧା,୧।୧୧(ପ୍ରଭାତ ପାଣିଗ୍ରାହୀ)

ଦୀପାବଳିରେ ରାତି ୭ରୁ ୯ଟା ପର୍ଯ୍ୟନ୍ତ ବାଣ ଫୁଟାଇବା ପାଇଁ ନିର୍ଦ୍ଦେଶ ରହିଥିବା ସତ୍ତ୍ୱେ ଖୋର୍ଦ୍ଧା ସହରରେ କେତେଜଣ ଅମାନିଆ ଏହି କଟକଣା ମାନି ନ ଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଚ୍ଚ ଶବ୍ଦ କରୁଥିବା ବାଣ ଫୁଟୁଥିବା ଦେଖିବାକୁ ମିଳିଥିଲା। ଏନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନ ନିଆଯିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, ଏହି ବାଣ ଫୁଟାଇବା ଦ୍ୱାରା କେବଳ ପରିବେଶ ନଷ୍ଟ ହେଉନି, ଜୀବଜଗତ ଉପରେ ମଧ୍ୟ ପ୍ରଭାବ ପଡିଥାଏ। ଲୋକେ ଏଥିପ୍ରତି ସଚେତନ ହେବା ଜରୁରୀ। ଏଭଳି ପରିବେଶ ନଷ୍ଟ କଲେ, ଆଗାମୀ ଦିନରେ ଦିଲ୍ଲୀ ଭଳି ପରିସ୍ଥିତି ସୃଷ୍ଟି ହୋଇଯିବ। ଦାୟିତ୍ୱ ସମ୍ପର୍ଣ୍ଣ ନାଗରିକ ଭାବେ ଏଥିପ୍ରତି ଯତ୍ନବାନ ହେବା ଜରୁରୀ। ସେହିପରି ପରିବେଶପ୍ରେମୀ ଅଧ୍ୟାପକ ସୁବୋଧ ଜଗଦେବ କହିଛନ୍ତି, ପରିବେଶ ଅନୁକୂଳ ସବୁଜ ବାଣ ଅନ୍ୟ ବାଣ ତୁଳନାରେ କମ୍ ପ୍ରଦୂଷଣ କରିଥାଏ। ଉଚ୍ଚ ଶବ୍ଦ ବାଣ ଯୋଗୁ ପଶୁମାନେ ବେଶି ଭୟଭୀତ ହୋଇଥାନ୍ତି। ତେଣୁ ପରିବେଶ ଅନୁକୂଳ ବାଣ ଫୁଟାଇବା ଉଚିତ। ଏଥିପ୍ରତି ସଚେତନତା ଆବଶ୍ୟକ। ଶରଧାପୁର ସାମାଜିକ କର୍ମୀ ଜିତେନ୍ଦ୍ର ବେହେରା କୁହନ୍ତି, ଦୁଇଦିନ ଧରି ଉଚ୍ଚ ଶବ୍ଦ ବାଣ ଫୁଟିବା ଯୋଗୁ ରାସ୍ତା ଉପରେ ଚଳାପ୍ରଚଳ କରୁଥିବା ଗୋରୁ, କୁକୁର ଏଣେତେଣେ ଦୌଡୁଥିବା ଦେଖିବାକୁ ମିଳିଥିଲା। କେତେକ ପଶୁ ଆହତ ହୋଇଥିବା ମଧ୍ୟ ସୂଚନା ରହିଛି। ଏଥିପ୍ରତି ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି, ସମସ୍ତେ ଏଥିପ୍ରତି ଗୁରୁତ୍ୱ ଦିଅନ୍ତୁ। ବରିଷ୍ଠ ବୁଦ୍ଧିଜୀବୀ ଜ୍ଞାନରଞ୍ଜନ ଦାଶ କୁହନ୍ତି, ଶବ୍ଦଭେଦି ବାଣରେ ରାସାୟନିକ ପଦାର୍ଥ ମିଶିଥାଏ। ଏହା ମାନବସମାଜ ଏବଂ ପରିବେଶ ଅନୁକୂଳ ନୁହଁ। ବରିଷ୍ଠ ନାଗରିକ, ଗର୍ଭବତୀ, ହୃଦ୍‌ରୋଗୀ ବିଶେଷ ପ୍ରଭାବିତ ହୋଇଥାନ୍ତି। ଜଣେ ସଚେତନ ନାଗରିକ ଭାବେ ସରକାରଙ୍କ ଗାଇଡଲାଇନ ପାଳନ କରିବା ଆବଶ୍ୟକ।

# ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର, ପ୍ରେମିକ ଫେରାର

ବାଣପୁର,୧।୧୧(ଦିଲୀପ କୁମାର ସ୍ୱାଇଁ)

ଗମ୍ଭାରୀମୁଣ୍ଡା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରେମିକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ନାରୁଣୀ ଥାନା ପୋଲିସ ଏକ ମାମଲା (ନଂ.୩୫୬/୨୪) ରୁଜୁକରି ତଦନ୍ତ ଚଳାଇଥିବା ବେଳେ ପ୍ରେମିକ ଫେରାର ଥିବା ଜଣାପଡ଼ିଛି। ଅଭିଯୋଗ ମୁତାବକ, ଗମ୍ଭାରୀମୁଣ୍ଡା ଅଞ୍ଚଳର ଜଣେ ଯୁବତୀଙ୍କ ସହ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ସହ ପ୍ରଥମେ ବନ୍ଧୁତା ହୋଇଥିଲା। ପରବର୍ତ୍ତୀ ସମୟରେ ଯୁବକ ଜଣଙ୍କ ବିଭିନ୍ନ ପ୍ରଲୋଭନ ଦେଖାଇ ସମ୍ପୃକ୍ତ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେବା ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ଦୁଇ ସପ୍ତାହ ପୂର୍ବେ ଯୁବତୀଙ୍କ ଘରେ କେହି ନ ଥିବା ବେଳେ ଯୁବକ ଜଣଙ୍କ ପହଞ୍ଚି ବଳାତ୍କାର କରିବା ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇଥିଲେ। ଘଟଣା ସମ୍ପର୍କରେ ଯୁବତୀଙ୍କ ପରିବାରଲୋକେ ଜାଣିବା ପରେ ଉଭୟଙ୍କ ବିବାହ ପାଇଁ ଯୁବକଙ୍କ ପରିବାର ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ହେଲେ ଯୁବକ ଜଣଙ୍କ ବିବାହ ପାଇଁ ଅରାଜି ହେବା ସହ ଅନ୍ତରଙ୍ଗ ସମୟର ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ଫଳରେ ଯୁବତୀ ଜଣଙ୍କ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ହୋଇଥିଲା। ଏନେଇ ଯୁବତୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# କୁମ୍ଭକାରଙ୍କୁ ସମ୍ବର୍ଦ୍ଧିତକଲେ ଶିକ୍ଷକ


କୁମ୍ଭକାର କୃଷ୍ଣ ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଟାଙ୍ଗୀ,୧।୧୧(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣି ଗ୍ରାମର ବର୍ଷୀୟାନ କୁମ୍ଭକାର କୃଷ୍ଣ ମୁଦୁଲି ଜୀବନବ୍ୟାପୀ କୌଳିକ ବୃତ୍ତିକୁ ଆପଣେଇ ଦୁଇପିଢ଼ିକୁ ପ୍ରେରଣା ଯୋଗାଇଥିବାରୁ ଦୀପାବଳି ଅବସରରେ ସୁନ୍ଦରପୁର କଲୋନି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଲଳିତ ନାରାୟଣ ମହାପାତ୍ର ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଶିକ୍ଷକ ମହାପାତ୍ର କହିଥିଲେ, କୁମ୍ଭକାର ଶିଳ୍ପ ଗ୍ରାମାଞ୍ଚଳରେ କମ୍ ଦେଖିବାକୁ ମିଳୁଛି। ଏବେ ସ୍ୱଦେଶୀ ସାମଗ୍ରୀର ଚାହିଦା ବଢିବାରେ ଲାଗିଛି। ଦୀପାବଳି ପାଳନ ଅବସରରେ ମାଟିଦୀପର ଚାହିଦା ରହିଛି। ଏଭଳି ବୃତ୍ତିକୁ ଆଜିର ଯୁବପିଢି ଆପଣେଇ ନେଇ ଅଧିକ ତାଲିମ ନେଇପାରିଲେ ଦକ୍ଷତାର ବିକାଶ ହେବା ସହିତ ସ୍ୱାବଲମ୍ବୀ ହୋଇପାରିବେ।

# ପାଇକଗୁରୁ ଦୋଳଗୋବିନ୍ଦଙ୍କ ସ୍ମୃତିଚାରଣ

କୃଷ୍ଣପ୍ରସାଦ,୧।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପିଟିଶାଳ ଗ୍ରାମର ପାଇକ ଗୁରୁ ଦୋଳଗୋବିନ୍ଦ ପଲେଇଙ୍କ ବିୟୋଗରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ମା'କଳାପାଟ ପାଇକ ଆଖଡ଼ା ପିଟିଶାଳ ଗ୍ରାମ ପକ୍ଷରୁ ଏହି ସଭା ହୋଇଥିଲା। ମାଲୁଦ ପଞ୍ଚାୟତର ପୂର୍ବତନ ସରପଞ୍ଚ ରବୀନ୍ଦ୍ରନାଥ ଦାସ, ପୁରୀ ଜିଲା ପାଇକ ମହାସଂଘ ସମ୍ପାଦକ ସୁବାସ ଚନ୍ଦ୍ର ଜେନା, ଶିକ୍ଷାବିତ୍ ପ୍ରଦୀପ କୁମାର ଦାସ, କିଶୋର ଚନ୍ଦ୍ର ବିଶୋଇ, ରାଜ୍ୟ କଳିଙ୍ଗ ପାଇକ ସଂଘ ଉପଦେଷ୍ଟା କେଦାରନାଥ ଦାସ, ଖଳିପାଣି ବିଶ୍ୱାଳ, ପାଇକ ଗୁରୁ କିଶୋର ଚନ୍ଦ୍ର ତ୍ରିପାଠୀ, ଗାଣ୍ଡୁ ପ୍ରଧାନ, ଚନ୍ଦ୍ରମଣି ବିଶ୍ୱାଳ, ରାଜ କିଶୋର ତରେଇ, ଅଖିଳ ଜେନା, ଲକ୍ଷ୍ମଣ ଜେନା, ନରେନ୍ଦ୍ର ଦଳେଇ, ତ୍ରିନାଥ ପଲେଇ, ହଳଧର ବିଶ୍ୱାଳ, ଶରତ ବାରିକଙ୍କ ସମେତ ବହୁ ଶିକ୍ଷାବିତ୍ ଯୋଗଦେଇ ସ୍ମୃତି ଚାରଣ କରିଥିଲେ। ପୁରୀ ଜିଲା ପାଇକ ମହାସଂଘ ପକ୍ଷରୁ ଦୋଳ ଗୋବିନ୍ଦ ପଲେଇଙ୍କୁ ମରଣୋତ୍ତର ପାଇକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ମାନପତ୍ରକୁ ତାଙ୍କ ପୁଅ ଦେବରାଜ ପଲେଇ ଗ୍ରହଣ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

# ୫ମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

ନିରାକାରପୁର/ ବୋଲଗଡ଼ ୧।୧୧
(ମାନସଚନ୍ଦ୍ର ପଟ୍ଟନାୟକ/ ଦେବବ୍ରତ ହୋତା)

ଟାଙ୍ଗୀ ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଲଳିତା ପାଟପୁର କ୍ଲଷ୍ଟରଠାରେ ୧୨ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ପଞ୍ଚମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ନୂତନ ସିଆର୍‌ସିସି ମଳୟ କୁମାର ମଙ୍ଗରାଜ ପରିଚାଳନା କରିଥିଲେ। ଚଳିତବର୍ଷ ପାଠକ୍ରମ ଉପରେ ଗୁରୁତ୍ୱ ଦେବାକୁ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପରାମର୍ଶ ଦିଆଯାଇଥିଲା। ବିଶେଷକରି ମୌଳିକ ସଂଖ୍ୟାଜ୍ଞାନ ଓ ମୌଳିକ ଭାଷାର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ନୂତନ ଭାବରେ କ୍ଲଷ୍ଟରରେ ଯୋଗଦେଇଥିବା ସିଆର୍‌ସିସି ମଳୟ କୁମାର ମଙ୍ଗରାଜ ଓ ନୂତନ ଭାବେ କ୍ଲଷ୍ଟରରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ନମିତା ଭଡ଼, ରିଙ୍କି ଦାସ, ଗଦାଧର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମକୁ ପୂର୍ଣ୍ଣଚନ୍ଦ୍ର ମିଶ୍ର ପରିଚାଳନା କରିଥିଲେ। ସ୍କୁଲ ପ୍ରଧାନଶିକ୍ଷକ ପଦ୍ମନାଭ ରଥ ଓ ସହ-ଶିକ୍ଷକ ଧରଣୀଧର ମହତରାୟ ଏବଂ ମମତା ବାହିନୀପତି ଏଥିରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଡିଆ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ରେଣୁବାଳା ବେହେରା, ସାନଗୋବିନ୍ଦପୁର ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ସେଠୀ, ରାମଚନ୍ଦ୍ର ନାୟକ, ସୁଶାନ୍ତ ସ୍ୱାଇଁ, ଚରଣ ସେଠୀ, ସଂଯୁକ୍ତା ପଟ୍ଟନାୟକ, ସଂଯୁକ୍ତା ସାହୁ, ରମେଶ ସିଙ୍ଗି, ଉନୀତା ହରିଚନ୍ଦନ, ନିବେଦିତା ସାହୁ, ପ୍ରଭାତୀ ପରିଡ଼ା, ବିଦ୍ୟାଧର ପ୍ରଧାନ, କବିଲତା ଦେବୀ, ବନଜ୍ୟୋତ୍ସ୍ନା ସେଠୀ ଉପସ୍ଥିତ ରହିଥିଲେ। ଅମର ଜୟସିଂ ଧନ୍ୟବାଦ ଦେଇଥିଲେ।

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ନୂଆସାହି ସାଧନ କେନ୍ଦ୍ର ସଂଯୋଜକ ଚନ୍ଦ୍ରଶେଖର ନାୟକଙ୍କ ତତ୍ତ୍ୱାବଧାନରେ ୫ମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଯାଜ୍ଞସେନୀ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଖଙ୍ଗୁରିଆସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁ, ରମେଶ ଚନ୍ଦ୍ର ସେଠୀ, ସେଖ ଉମର ଫାରୁଖ, ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ବଳିଆରସିଂହ ଅତିଥି ରୂପେ ଯୋଗଦେଇ ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ ଉପରେ ପ୍ରତି ମାସରେ ଅନୁଷ୍ଠିତ ହେଉଥିବା ବୈଠକର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ନୂତନ ଭାବେ ସାଧନକେନ୍ଦ୍ର ସଂଯୋଜକ ରୂପେ ଯୋଗଦେଇଥିବା ଚନ୍ଦ୍ରଶେଖର ନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରଯାଇଥିଲା। ପରେ ଲୋକନାଥ ସରକାରୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ସୁଲୋଚନା ସେଠୀ 'ବର୍ଷା' ପ୍ରସଙ୍ଗରେ ପ୍ରଥମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପ୍ରକଳ୍ପ ପ୍ରଦର୍ଶନ କରି ହସେଇ ନଚେଇ ଓ ଅଭିନୟ କରି ଶିକ୍ଷାଦାନ କରିଥିଲେ। ତତ୍ପରେ ବାମନ ସରକାରୀ ଉଚ୍ଚ ବିଦୟାଳୟ ଶିକ୍ଷକ ଅଭିମନ୍ୟୁ ପଲେଇଙ୍କ ଏକ ଅଙ୍କ ବିଶିଷ୍ଟ ସଂଖ୍ୟାର ଯୋଗକ୍ରିୟା ପ୍ରସଙ୍ଗ ଅତି ଉଚ୍ଚକୋଟିର ଥିଲା। ବୈଠକରେ ଶିକ୍ଷକ ଗୌରଚନ୍ଦ୍ର ସାହୁ, ରବୀନ୍ଦ୍ର ରାଉତରାୟ, ଅପର୍ତ୍ତୀ ଅଙ୍ଗ, ଚିତ୍ତରଞ୍ଜନ ସାହୁ, ଶିକ୍ଷୟିତ୍ରୀ ସୌଦାମିନୀ ପରିଡ଼ା, କନକଲତା ଦେଇ ଓ ପ୍ରଧାନ ଶିକ୍ଷକ ପ୍ରକାଶ ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ରଞ୍ଜିତା କୁମାରୀ ସାହୁ ଧନ୍ୟବାଦ ଦେଇଥିଲେ।


ବୈଠକରେ ଯୋଗଦେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନେ।

# ବିଷାକ୍ତ ହେଲାଣି କୁଶଭଦ୍ରା ଜଳ

## ନଦୀ ପୁନରୁଦ୍ଧାର ଓ ସଂରକ୍ଷଣ ପାଇଁ ଦାବି

ନିମାପଡା,୧।୧୧ (ରଞ୍ଜନ ପଟ୍ଟନାୟକ)

ସମ୍ପ୍ରତି ଦିନକୁ ଦିନ ବିଷାକ୍ତ ହେବାରେ ଲାଗିଛି ନିମାପଡ଼ା ଅଞ୍ଚଳର ଜୀବନରେଖା କୁହାଯାଉଥିବା କୁଶଭଦ୍ରା ନଦୀର ଜଳ। ନଦୀ ପୋତି ହୋଇଯିବା ଫଳରେ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଭୁବନେଶ୍ୱର ଉପକଣ୍ଠ ସାଇଫୋନ ଛକ ନିକଟରୁ କୁଆଖାଇ ନଦୀରୁ ପ୍ରବାହିତ ହେଉଛି କୁଶଭଦ୍ରା। ସେଠାରୁ ବାହାରି ଖୋର୍ଦ୍ଧା ଜିଲା ଅନ୍ତର୍ଗତ ବାଲିଅନ୍ତା, ବାଲିପାଟଣା, ପୁରୀ ଜିଲା ଅଧୀନ ନିମାପଡ଼ା, ଗୋପ, ସତ୍ୟବାଦୀ ଓ ପୁରୀ ସଦର ବ୍ଲକ ମଧ୍ୟରେ ପ୍ରବାହିତ ହୋଇ ବଙ୍ଗୋପସାଗରରେ ମିଶିଛି। ନଦୀର ଉପତ୍ତିସ୍ଥଳ ଦୀର୍ଘଦିନ ହେବ ଖନନ କରାଯାଇ ନ ଥିବାରୁ ତାହା ଏବେ ପୋତି ହୋଇପଡ଼ିଲାଣି। ନଦୀର ଭିତର ଶଯ୍ୟା ଖନନ ମଧ କରାଯାଉନାହିଁ। ଫଳରେ ଜଳଧାରଣ କ୍ଷମତା ପ୍ରତିବର୍ଷ ହ୍ରାସ ପାଇବାରେ ଲାଗିଛି । ଜୈବବିବିଧତା କାରଣରୁ ପୂର୍ବରୁ ନଦୀ ଉପରେ ଭରସା କରି ବହୁ ମତ୍ସ୍ୟଜୀବୀ ପରିବାର ଭରଣପୋଷଣ କରୁଥିଲେ। ନଦୀପଠା ଶସ୍ୟଶାମଳାରେ ପୂରି ଉଠୁଥିଲା। ଅତୀତରେ ନଦୀକୂଳିଆ ବାସିନ୍ଦା ପନିପରିବା ଚାଷକରି ନିଜର ଆର୍ଥିକସ୍ଥିତିକୁ ସୁଦୃଢ଼ କରିପାରୁଥିଲେ। ଜୈବବିବିଧତା ପାଇଁ ଏବେ କୁଶଭଦ୍ରା ନଦୀରେ ବିରାଟ ପରିବର୍ତ୍ତନ ଦେଖିବାକୁ ମିଳୁଛି। ରକ୍ଷଣାବେକ୍ଷଣ ଅଭାବରୁ ଗ୍ରୀଷ୍ମ ଓ ଶୀତଋତୁରେ ନଦୀର ଧାର କଟିଯାଉଛି। ବର୍ଷାଋତୁରେ ମଧ ନଦୀ ଶୁଖିଲା ପଡୁଛି। ଜଳ ବିଷାକ୍ତ ହେବା ଫଳରେ ଜଳଚର ପ୍ରାଣୀମାନେ ମରିଯାଉଛନ୍ତି। ମତ୍ସ୍ୟସମ୍ପଦ ଲୋପ ପାଉଛି। ପୂର୍ବଭଳି ଆଉ ନଦୀରେ ଗଣ୍ଡ ନାହିଁ କି ସୁଆଦିଆ ଭାକୁର, ମିରିକାଳି, ଫଳି, ଚିତଳ, କଳାବଇଁଶୀ, ଛେଲାକେରାଣ୍ଡି ଛଟା ଚିଙ୍ଗୁଡ଼ି ଏବଂ କାଞ୍ଜିଆ ଓ ମହୁରାଡ଼ି ମାଛ ଦେଖିବାକୁ ମିଳୁନାହାନ୍ତି। ଅତୀତରେ ନଦୀର ଜଳକୁ ବ୍ୟବହାର କରି ଚାଷୀ ବିଭିନ୍ନ ପନିପରିବା ଚାଷକରି ରାଜ୍ୟ ଓ ରାଜ୍ୟ ବାହାରକୁ ପଠାଉଥିଲା। ବର୍ତ୍ତମାନ କିନ୍ତୁ ନଦୀ ଠାରୁ ମୁହଁ ଫେରାଇ ନେଲେଣି। ପୂର୍ବ ସରକାର ସମୟରେ ବାଲିଅନ୍ତା ନିକଟବର୍ତ୍ତୀ ଅଞ୍ଚଳରେ ନଦୀ ଜଳକୁ ସଂରକ୍ଷିତ କରିବା ନିମନ୍ତେ ବନ୍ଧ ନିର୍ମାଣ ପରିକଳ୍ପନା କରାଯାଇଥିଲା । ସର୍ଭେ ମଧ ସରିଥିଲା, କିନ୍ତୁ କାର୍ଯ୍ୟ ଆରମ୍ଭ ହୋଇପାରିଲାନାହିଁ । ସେହିଭଳି ନଦୀର ଭିତର ଶଯ୍ୟା ଖନନ ପାଇଁ ପୂର୍ବ ସରକାର ସମୟରେ କାମ ହାତକୁ ନିଆଯାଇଥିଲା। କାର୍ଯ୍ୟ ଆରମ୍ଭ ହୋଇ ଅଧାରୁ ବନ୍ଦ ରହିଲା। ନଦୀକୂଳବାସିନ୍ଦା ବାଲିଅନ୍ତା ଅଞ୍ଚଳର ଅଲେଖ ପ୍ରଧାନ, ବାଲିପାଟଣା ଅଞ୍ଚଳର ସନ୍ତୋଷ ମିଶ୍ର, ନିମାପଡ଼ା ଅଞ୍ଚଳର ହରିହର ସାହୁ, ଶଙ୍କର ପ୍ରଧାନ, ବିଦ୍ୟାଧର ମଲିକ ଏବଂ ଗୋପ ଅଞ୍ଚଳର ରତ୍ନାକର ସେଠୀ ପ୍ରମୁଖ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେବା ସହିତ ନଦୀର ସଂରକ୍ଷଣ ପାଇଁ ଅନୁରୋଧ କରିଛନ୍ତି ।


ପ୍ରଦୂଷିତ କୁଶଭଦ୍ରା ନଦୀର ଦୃଶ୍ୟ ।

## ସଂକ୍ଷେପରେ

### ନୟାହାଟ ନୂଆ ମଠ ଓ ଶ୍ମଶାନ ଘାଟରେ କାଳୀପୂଜା



ନୟାହାଟ/ଯୋଗେଶ୍ୱରପୁର, ୧।୧୧ (ମହମ୍ମଦ ସମସୁଲ ଆରେଫିନ/ରଶ୍ମିରଞ୍ଜନ ସାହୁ)

ଗୋପ ବ୍ଲକ ଧୂମାଳ ପଞ୍ଚାୟତ ନୟାହାଟ ପ୍ରାଚୀ ଗୁରୁ ଧର୍ମକ୍ଷେତ୍ର (ନୂଆ ମଠ) ଓ ଶ୍ମଶାନ ଘାଟ ଠାରେ ଶ୍ୟାମାକାଳୀଙ୍କ ପୂଜା ଉତ୍ସବ ଯଥା ରୀତି ଅନୁଯାୟୀ ପାଳିତ ହୋଇଯାଇଛି। ନୂଆ ମଠଠାରେ କାର୍ତ୍ତିକ ଅବକାଶ ପରେ ପାଞ୍ଚ ତୀର୍ଥ ଜଳରେ ଆଶ୍ରମର ମୁଖ୍ୟ ବାବାଜି ଦାମୋଦର ଦାସଙ୍କ ତତ୍ତ୍ୱାବଧନରେ ଶ୍ୟାମା କାଳୀଙ୍କ ସ୍ନାନ ଓ ପଞ୍ଚପଲ୍ଲବ କଳସ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ହରିବୋଲ ହୁଳହୁଳି ଶଙ୍ଖ ଧ୍ୱନିରେ ଆଶ୍ରମ ପରିସର କମ୍ପି ଉଠିଥିଲା। ବ୍ରାହ୍ମଣ ପୁରୋହିତଙ୍କ ଦ୍ୱାରା ବେଦପାଠ, ଚଣ୍ଡୀ ପାଠ ଓ ହୋମ ଯଜ୍ଞ କରାଯାଇ ବିଳମ୍ବିତ ରାତିରେ ମା'ଙ୍କ ପାଖରେ ପାଣି କଖାରୁ ବଳି ଦିଆଯାଇଥିଲା। ସେହିପରି ନୟାହାଟ ଶ୍ମଶାନ ଘାଟରେ ଶ୍ୟାମା କାଳୀ ପୂଜା କମିଟି ପକ୍ଷରୁ ୧୪ତମ ବାର୍ଷିକ କାଳୀ ପୂଜା ଅନୁଷ୍ଠିତ ହୋଇଛି। କର୍ତ୍ତା ଭାବେ ମାନସ କୁମାର ଦ୍ୱିବେଦୀ କାର୍ଯ୍ୟ କରୁଥିବା ବେଳେ ପୂଜକ ଭାବେ ବିଭୂତି ଭୂଷଣ ମିଶ୍ର, ପ୍ରମୋଦ ମିଶ୍ର ଓ ବ୍ରଜ କିଶୋର ଦ୍ୱିବେଦୀ ପ୍ରମୁଖ ମା'ଙ୍କ ପୂଜାନୀତି ସମ୍ପାଦନ କରୁଛନ୍ତି। ଜ୍ଞାନରଞ୍ଜନ ପାତ୍ର, ଲିପୁନ ସିଂହ, ମାନସ ମହାନ୍ତି, ଚନ୍ଦନ ମିଶ୍ର, ରମେଶ କାଣ୍ଡି ଓ ଦେବେନ୍ଦ୍ର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

### ଚାରିଛକ ଦୈନିକ ହାଟର ଉନ୍ନତୀକରଣ କରାଯିବ: ବିଡିଓ

ଚାରିଛକ,୧।୧୧ (ଶିଶିର ସ୍ୱାଇଁ)

ଚାରିଛକ ଦୈନିକ ହାଟର ଉନ୍ନତୀକରଣ କରାଯିବ ବୋଲି ଶୁକ୍ରବାର ନିମାପଡ଼ା ବିଡିଓ ଅଭିଜିତ ଷଡ଼ଙ୍ଗୀ ହାଟ ପରିଦର୍ଶନ ସମୟରେ କହିଛନ୍ତି। ବିଡିଓଙ୍କ ପରିଦର୍ଶନ ସମୟରେ ସହକାରୀ ଯନ୍ତ୍ରୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ଭୋଦର ସରପଞ୍ଚ ଚାରୁଲତା ବେହେରା, ଯୁବନେତା ପ୍ରଶାନ୍ତ ବେହେରା, ରାଜେଶ ମହାପାତ୍ର, ଦୈନିକ ହାଟର ପରିଚାଳକ ଶିଶିର ନାୟକ, କନିଷ୍ଠ ଯନ୍ତ୍ରୀ ଚନ୍ଦ୍ରକାନ୍ତ ଦୀକ୍ଷିତ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବେନ୍ଦ୍ର ସ୍ୱାଇଁ, ନାଏବ ସରପଞ୍ଚ ସୁଧାଂଶୁ ଭୂଷଣ ପ୍ରଧାନଙ୍କ ସମେତ ଦୈନିକ ହାଟର ବ୍ୟବସାୟୀମାନେ ଉପସ୍ଥିତ ଥିଲେ। ଏହି ହାଟକୁ ପୁରୀ, କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଜିଲାର ବିଭିନ୍ନ ବ୍ୟବସାୟୀ ଆସିଥାନ୍ତି। ବର୍ଷା ଦିନେ ହାଟରେ ପାଣି ଜମିବା, ବ୍ୟବସାୟ କରିବା ଲାଗି ପିଣ୍ଡିର ଅଭାବ ଥିବା ବ୍ୟବସାୟୀମାନେ ଅଭିଯୋଗ କରିଥିଲେ। ତେଣୁ ଏହାର ସମାଧାନ ଲାଗି ବିଡିଓ ହାଟ ପରିଦର୍ଶନ ପାଇଁ ଆସିଥିଲେ। ହାଟର ପଶ୍ଚିମ ପଟେ ପକ୍କାଘର ନିର୍ମାଣ କରାଯିବ। ତଳୁଆ ଥିବା ପିଣ୍ଡିକୁ ଉଚ୍ଚ କରାଯିବ। ଦୈନିକ ହାଟକୁ କଂକ୍ରିଟ ରାସ୍ତା ଖୁବ୍‌ଶୀଘ୍ର କରାଯିବ ବୋଲି ବିଡିଓ କହିଛନ୍ତି। ପ୍ଲାନ୍ ଓ ଏଷ୍ଟିମେଟ୍ ଶୀଘ୍ର କରିବାକୁ ବିଡିଓ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ସମଗରା ଡବଲ ମର୍ଡର ମାମଲା: ୫ ଧରାପଡ଼ିଲେ

ପୁରୀ,୧।୧୧ (ଅଜିତ୍ କୁମାର ମହାନ୍ତି)– ପେଣ୍ଠକଟା ମେରାଇନ ଥାନା ଅନ୍ତର୍ଗତ ପୁରୀ ସଦର ସମଗରାରେ ହୋଇଥିବା ଡବଲ ମର୍ଡର ଘଟଣାରେ ପୋଲିସ ହାତରେ ୫ ଅଭିଯୁକ୍ତ ଧରାପଡ଼ିଛନ୍ତି। ସେମାନେ ହେଲେ ସମଗରା ଗ୍ରାମର ଜଟାଧାରୀ ପ୍ରଧାନ, ତାଙ୍କ ପୁଅ ବଳିଆ ପ୍ରଧାନ, ଜଗା ପ୍ରଧାନ, ସ୍ତ୍ରୀ ରତନି ପ୍ରଧାନଙ୍କ ସହ ଜଣେ ନାବାଳକ। ଘଟଣାରେ ଆହତ ହୋଇଥିବା ଅଭିଯୁକ୍ତ ଜଗା ପ୍ରଧାନ କଟକରେ ଚିକିତ୍ସାଧୀନ ରହିଛନ୍ତି। ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିବା ଛୁରି, ଇଟା ଜବତ ହୋଇଛି। ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଆକ୍ରମଣ ହେବା ସହ ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତମାନେ ରବି ସ୍ୱାଇଁ ଓ ପୁଅ ପ୍ରକାଶ ସ୍ୱାଇଁଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ଗତ ୬ ମାସ ଧରି ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଏହି ବିବାଦ ଲାଗିରହିଥିଲା ବୋଲି ଅତିରିକ୍ତ ଏସ୍‌ପି ସୁଶିଲ କୁମାର ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବୁଧବାର ରାତିରେ ଉକ୍ତ ଘଟଣାକୁ ନେଇ ଅଭିଯୁକ୍ତମାନେ ଇଟା ଓ ଛୁରି ଦ୍ୱାରା ରବି ଓ ପ୍ରକାଶଙ୍କୁ ଆକ୍ରମଣ କରିଥିଲେ।

# ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ


ଅତିଥିମାନେ ଚିତ୍ରକଳା ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ।

ପୁରୀ,୧।୧୧ (ଅଜିତ୍ କୁମାର ମହାନ୍ତି)

ସଂସ୍କୃତି ଭବନସ୍ଥିତ ରିଜିଓନାଲ ଆର୍ଟ ଗ୍ୟାଲେରିରେ ଶିଳ୍ପୀ ସନ୍ତୋଷ ସେଠୀଙ୍କ ଦ୍ୱାରା ପ୍ରସ୍ତୁତ 'ମୋ ମନର ଜଗନ୍ନାଥ' ଶୀର୍ଷକ ଚିତ୍ରକଳା ପ୍ରଦର୍ଶନୀ ଶୁକ୍ରବାର ଉଦଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ନାୟକ କହିଥିଲେ, ପ୍ରତ୍ୟେକ କଳାକାର ଜଣେ ଜଣେ ଦିବ୍ୟ ପ୍ରତିଭାର ଅଧିକାରୀ। ସେମାନଙ୍କ ସାଧନା ଓ ପରିଶ୍ରମ ବଳରେ ସେମାନେ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାନ୍ତି। କଳାକାର ସନ୍ତୋଷଙ୍କ ଚିତ୍ରଗୁଡ଼ିକ ଏତେ ଜୀବନ୍ତ ଓ ଆକର୍ଷଣୀୟ ଯେ, ତାହା ଦର୍ଶକଙ୍କୁ ବାରମ୍ବାର ଆକୃଷ୍ଟ କରୁଛି ବୋଲି ସେ ପ୍ରକାଶ କରିଥିଲେ। ଏହି ଉଦ୍‌ଘାଟନ ସମୟରେ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ସମରଥ, ବରିଷ୍ଠ ଶିଳ୍ପୀ ଚନ୍ଦ୍ରଶେଖର ମହାରଣା, ଆର୍ଟ ଗ୍ୟାଲେରି ତତ୍ତ୍ୱାବଧାରକ ସତ୍ୟ ପାଢ଼ୀ ଏବଂ କଳାକାର ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନୀ ନଭେମ୍ବର ୭ ପର୍ଯ୍ୟନ୍ତ ପ୍ରତ୍ୟହ ଦିନ ୧୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଶିଳ୍ପୀ ସନ୍ତୋଷ ସେଠୀ ସୂଚନା ଦେଇଛନ୍ତି।

# ରାଷ୍ଟ୍ରୀୟ ଏକତା ଦିବସରେ ଶପଥ ପାଠ

ପୁରୀ,୧।୧୧ (ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଗୁରୁବାର ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ)ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏହି ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ସମସ୍ତଙ୍କୁ ଦେଶର ସୁରକ୍ଷା, ଅଖଣ୍ଡତା ଓ ଏକତା ବଜାୟ ରଖିବାର ଶପଥ ପାଠ କରାଇଥିଲେ। ଦେଶର ସୁରକ୍ଷା ଏବଂ ଅଖଣ୍ଡତା ପାଇଁ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦୂରଦୃଷ୍ଟି ଓ କାର୍ଯ୍ୟଶୈଳୀ ଏହି ରାଷ୍ଟ୍ରୀୟ ଏକତାକୁ ସମ୍ଭବ ଓ ସମୃଦ୍ଧି କରିପାରିଥିଲା ବୋଲି ସେ କହିଥିଲେ। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ହୋଇଥିବାରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ମନୀଷା ଷଡ଼ଙ୍ଗୀ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସହକାରୀ ଜିଲାପାଳ ତନ୍ମୟ କୁମାର ଦାସ, ପଞ୍ଚାନନ ପରିଜା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା, ଜିଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ବିଭିନ୍ନ ବିଭାଗର ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ଯୋଗଦେଇ ଶପଥ ପାଠରେ ସାମିଲ ହୋଇଥିଲେ। ବିଭିନ୍ନ ଜିଲାସ୍ତରୀୟ କାର୍ଯ୍ୟାଳୟ, ବ୍ଲକ, ତହସିଲ କାର୍ଯ୍ୟାଳୟରେ ମଧ ଶପଥ ପାଠ ଅନୁଷ୍ଠିତ ହୋଇଥିଲା।


କାମତ ହୋଟେଲ୍ ଲୋଟସ ରିସୋର୍ଟର କର୍ମଚାରୀଙ୍କ ଦ୍ୱାରା ଆୟୋଜିତ ସୂର୍ଯ୍ୟମନ୍ଦିର ସମ୍ମୁଖରୁ ପ୍ରଦୂଷଣମୁକ୍ତ ଦୀପାବଳି ସଚେତନତା ଶୋଭାଯାତ୍ରା ।

## ପ୍ରଦୂଷଣମୁକ୍ତ ଦୀପାବଳି ସଚେତନତା ଶୋଭାଯାତ୍ରା

କୋଣାର୍କ,୧।୧୧ (ଜ୍ୟୋତିରାଜ ମହାନ୍ତି)

ଦୀପାବଳି ଅବସରରେ କାମତ ହୋଟେଲ୍ ଲୋଟସ ରିସୋର୍ଟର କର୍ମଚାରୀ ଭାରତ ଭୂଷଣ ବିଶ୍ୱାଳ କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରୁ ଏକ ପ୍ରଦୂଷଣମୁକ୍ତ ଦୀପାବଳି ସଚେତନତା ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲେ। 'ଆତସବାଜିକୁ ନା' ନାରା ଦେଇ ପ୍ରଦର୍ଶନ ଫଳକ ଧରି ଏକ ଶାନ୍ତି ତଥା ସୌହାର୍ଦ୍ଦ୍ୟପୂର୍ଣ୍ଣ ଦୀପାବଳି ପାଳନ କରିବାକୁ ସମସ୍ତ ବିଶ୍ୱବାସୀଙ୍କୁ ନିବେଦନ କରିଥିଲେ। କାମତ ହୋଟେଲ ଲୋଟସ ରିସୋର୍ଟର ଗ୍ରୀନ୍ ଟିମ୍‌ର ପ୍ରାୟ ୪୮ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ଆତସବାଜିର ବହୁଳ ବ୍ୟବହାର ତଥା ପରିବେଶ ପ୍ରଦୂଷଣର ଚରମ ସୀମାରେ ପହଞ୍ଚିଥିବା ବେଳେ ଏହି ବାର୍ତ୍ତା ଅନେକଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି ବିଶ୍ୱାଳ। କାର୍ଯ୍ୟକ୍ରମକୁ ଲୋଟସ ରିସୋର୍ଟର ଆର୍‌ଜିଏମ୍ ଭାରତ ଭୂଷଣ ବିଶ୍ୱାଳ, ସୁନୀଲ କୁମାର ପାଣିଗ୍ରାହୀ, ପ୍ରଭୁଦତ୍ତ ଦାସ, ଧୀରେନ କୁମାର ଆଚାର୍ଯ୍ୟ, ରାଜୀବ କୁମାର ନାୟକ, ଜିତେନ୍ଦ୍ର ଜେନା, ଅଭିମନ୍ୟୁ ମାନ୍ୟଲୁ, ସରଫରାଜ କୋରସିନ ପ୍ରମୁଖ ପରିଚାଳନା କରିଥିଲେ।

## ନୟାହାଟ ଫାଣ୍ଡିକୁ ଭ୍ୟାନ୍ ଯୋଗାଇ ଦିଆଯିବ: ଏସ୍‌ପି

**ଧରିତ୍ରୀ ପ୍ରଭାବ**

ଯୋଗେଶ୍ୱରପୁର,୧।୧୧ (ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡିରେ ଭ୍ୟାନ୍ ନ ଥିବା ଖବର କିଛିଦିନ ତଳେ ଧରିତ୍ରୀରେ ପ୍ରକାଶିତ ହୋଇଥିଲା। ଏନେଇ ଖବରଦାତାମାନେ ନୟାହାଟ ଫାଣ୍ଡିକୁ ପିସିଆର୍ ଭ୍ୟାନ୍ ଯୋଗାଇ ଦେବା ପାଇଁ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏନେଇ ସାମ୍ବାଦିକମାନଙ୍କ କଥା ରଖି ନୟାହାଟ ଫାଣ୍ଡିକୁ ଭ୍ୟାନ୍ ଯୋଗାଇ ଦିଆଯିବ ବୋଲି ଶୁକ୍ରବାର ଏସ୍‌ପି ଅଗ୍ରୱାଲ୍ ସୂଚନା ଦେଇଛନ୍ତି।

# ସାକ୍ଷୀଗୋପାଳ ମୁଖ୍ୟ ବଜାର ରାସ୍ତା ପାଇଁ ୩୫ ଲକ୍ଷ ବ୍ୟୟବରାଦ

ସାକ୍ଷୀଗୋପାଳ,୧।୧୧ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ଠାରୁ ସାକ୍ଷୀଗୋପାଳ ମନ୍ଦିର ରାସ୍ତାର ଉନ୍ନତୀକରଣ ନିମନ୍ତେ ଶୁକ୍ରବାର ସନ୍ଧ୍ୟାରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ୩୫ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଶୁଭ ଦେଇଛନ୍ତି। ସାକ୍ଷୀଗୋପାଳର ଏହି ପ୍ରମୁଖ ରାସ୍ତାର ଅଧିକାଂଶ ସ୍ଥାନ ଖାଲଖମା ଯୋଗୁ ମନ୍ଦିରକୁ ଆସୁଥିବା ବସ୍, ପଥଚାରୀ, ସାଇକେଲ ଓ ବାଇକ ଆରୋହୀ, ଛାତ୍ରୀଛାତ୍ରମାନେ ଯିବାଆସିବା ସମୟରେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିଲେ। ବର୍ଷା ସମୟରେ ବର୍ଷା ଜଳ ରାସ୍ତାରେ ଥିବା ଖାଲରେ ଜମି ରହୁଥିଲା। ଅଞ୍ଚଳବାସୀଙ୍କ ଦାବିକୁ ଗୁରୁତ୍ୱ ଦେଇ ବିଧାୟକ ମିଶ୍ରଙ୍କ ଉଦ୍ୟମରେ ଏହି ରାସ୍ତାର ନବୀକରଣ ପାଇଁ ୩୫ଲକ୍ଷ ଟଙ୍କା ବ୍ୟୟ ହେବ। ସାକ୍ଷୀଗୋପାଳ ବସଷ୍ଟାଣ୍ଡ ଠାରୁ ଆରମ୍ଭ ହୋଇ ରତ୍ନଚିରା ବ୍ରିଜ୍ ପର୍ଯ୍ୟନ୍ତ ପ୍ରାୟ ୯୫୦ ମିଟର ରାସ୍ତାର ଉନ୍ନତୀକରଣ କରାଯିବ ବୋଲି ସାକ୍ଷୀଗୋପାଳ ରାସ୍ତା ଓ ଗୃହ ବିଭାଗ କାର୍ଯ୍ୟାଳୟର ସହକାରୀ ନିର୍ବାହୀଯନ୍ତ୍ରୀ ମାନସ ରଞ୍ଜନ ମଲ୍ଲିକ ସୂଚନା ଦେଇଛନ୍ତି।

ସୂଚନାଥାଉକି, ସାକ୍ଷୀଗୋପାଳ ମୁଖ୍ୟ ବଜାର ରାସ୍ତା ମରାମତି ପାଇଁ ବିଭାଗ ପକ୍ଷରୁ ବହୁକୋଟି ଟଙ୍କା ବ୍ୟୟ କରାଯାଉଛି। ମାତ୍ର ବର୍ଷତମାମ ବିଭିନ୍ନ କମ୍ପାନୀ ଓ ବିଭାଗ ପକ୍ଷରୁ ରାସ୍ତାକୁ ବାରମ୍ବାର ଖୋଳାଯାଉଥିବା ବେଳେ ମରାମତି କରାଯାଉ ନାହିଁ। ଫଳରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଅଭିଯୋଗ କଲେ ମଧ ବିଭାଗୀୟ ଅଧିକାରୀ ଏଥିପାଇଁ ଦୃଷ୍ଟି ଦେଉନାହାନ୍ତି। ଆଗାମୀ ଦିନରେ ରାସ୍ତା ଖୋଳାଯିବା ସମୟରେ ବିଭାଗ ଦୃଷ୍ଟି ଦେବା ସହ ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ସମସ୍ତ କାର୍ଯ୍ୟକରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ରାସ୍ତା ନବୀକରଣ କାର୍ଯ୍ୟ ଆସନ୍ତା ଅଁଳା ନବମୀ ପୂର୍ବରୁ ସାରିବା ପାଇଁ ବିଧାୟକ ମିଶ୍ର ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଜୟପୁର ସମିତିସଭ୍ୟ ଦୀପକ ଶତପଥୀ, ବିଜେପି ମଣ୍ଡଳ ସଭାପତି ଉମେଶ ଚନ୍ଦ୍ର ପ୍ରଧାନ, ପ୍ରଭାତ କୁମାର ମିଶ୍ର, ପ୍ରଦ୍ୟୁମ୍ନ ଶତପଥୀ, ସନ୍ତୋଷ କୁମାର ନନ୍ଦ, ହର ପ୍ରସାଦ ରଥ, ଶଙ୍କର୍ଷଣ ପ୍ରଧାନ ଓ ଲିଙ୍ଗରାଜ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

**ଅଁଳା ନବମୀ ପୂର୍ବରୁ କାମ ସାରିବାକୁ ବିଧାୟକଙ୍କ ନିର୍ଦ୍ଦେଶ**


ରାସ୍ତା ଉନ୍ନତୀକରଣ ନିମନ୍ତେ ବିଧାୟକ ଓମ୍ ପ୍ରକାଶ ମିଶ୍ର ଶୁଭ ଦେଉଛନ୍ତି ।

# ଗୋବିନ୍ଦ ବାରିକଙ୍କୁ ଅବସର ସମ୍ବର୍ଦ୍ଧନା



ଚାରିଛକ,୧।୧୧ (ଶିଶିର ସ୍ୱାଇଁ)

ଚାରିଛକ ଥାନା ଅନ୍ତର୍ଗତ ବାହାରଣା ନୀଳମଣି ସ୍ମୃତି ବିଦ୍ୟାପୀଠ ପରିସରରେ ବିଦ୍ୟାପୀଠର ଚତୁର୍ଥ ଶ୍ରେଣୀ କର୍ମଚାରୀ ଗୋବିନ୍ଦ ଚନ୍ଦ୍ର ବାରିକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାହାରଣା ସରପଞ୍ଚ ନମିତା ସ୍ୱାଇଁ, ମୁଖ୍ୟ ବକ୍ତା ଉକ୍ତ ବିଦ୍ୟାପୀଠର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାମୋଦର ମିଶ୍ର, ସମ୍ମାନିତ ଅତିଥି ଭାବେ ନିମାପଡ଼ା ବ୍ଲକ୍‌ର ଏମ୍‌ପିଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଅବସରପ୍ରାପ୍ତ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୌଦାମିନୀ ଦାଶ, ସାମାଜିକ କର୍ମୀ ପବିତ୍ର ମୋହନ ମହାପାତ୍ର, ସିଆର୍‌ସିସି କାଳନ୍ଦୀ ଚରଣ ଜେନା, ସ୍କୁଲ ପରିଚାଳନା କମିଟି ସଭାପତି କୁଳଲକ୍ଷ୍ମୀ ଭୂୟାଁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ସଭାରେ ନୀଳମଣି ସ୍ମୃତି ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରମେଶ କୁମାର ରାଉତ ସଭାପତିତ୍ୱ କରିଥିବା ବେଳେ ଖେଳ ଶିକ୍ଷକ ମୁରଲୀଧର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଦ୍ରୌପଦୀ ଦେଈଙ୍କ ସମେତ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମିୟ କୁମାର ମହାନ୍ତି, ସୁରେନ୍ଦ୍ରନାଥ ପଢ଼ିଆରୀ, ଗୋବିନ୍ଦ ଚନ୍ଦ୍ର ଓଝା, ମନୋଜ ଦାଶ, ତ୍ରିଲୋଚନ କର, ଦେବପ୍ରସାଦ ପାତ୍ର, ଯୁଧିଷ୍ଠିର ଖଟୋଇ, ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ଅନାଦି ଚରଣ ନାୟକ ମାନପତ୍ର ପାଠ କରିବା ସହ ଧନ୍ୟବାଦ ଦେଇଥିଲେ।

# ପିପିଲିକୁ ହରାଇ ବଲଙ୍ଗା ଚାମ୍ପିୟନ

**ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ମହିଳା କବାଡ଼ି ପ୍ରତିଯୋଗିତା**

ବାଲକାଟୀ,୧।୧୧ (ମନୋଜ ମଣ୍ଡଳ)

ବାଲକାଟୀସ୍ଥିତ ପ୍ରତାପଶାସନ କଲେଜ ଖେଳପଡ଼ିଆରେ ଶୁକ୍ରବାର ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ମହିଳା କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିପିଲିକୁ ୨୯-୨୭ ପଏଣ୍ଟରେ ହରାଇ ବଲଙ୍ଗା ଚାମ୍ପିୟନ ହୋଇଛି।

ଏହି ଟୁର୍ଣ୍ଣାମେଣ୍ଟରେ ଖୋର୍ଦ୍ଧା, ପୁରୀ, କଟକ ଜିଲାର ମୋଟ ୮ଟି ଦଳ ଭାଗ ନେଇଥିଲେ। ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ଆୟୋଜିତ ଓ ପ୍ରତାପଶାସନ ଡିଗ୍ରୀ କଲେଜ ଦ୍ୱାରା ପରିଚାଳିତ ଏହି ଟୁର୍ଣ୍ଣାମେଣ୍ଟକୁ ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରସିଦ୍ଧ ସିନେ ବ୍ୟକ୍ତିତ୍ୱ ଡ. ରଜନୀ ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ଅଧ୍ୟକ୍ଷ ଚନ୍ଦ୍ରଧ୍ୱଜ ନନ୍ଦ ସଭା ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟରେ ବାଙ୍କୀ କଲେଜ, ବିଜେବି କଲେଜ, ବଲଙ୍ଗା କଲେଜ, ପିପିଲି କଲେଜ, କଣାସ ଗାଦିବ୍ରହ୍ମ, ନିମାପଡ଼ା କଲେଜ, ଏସ୍‌ସିଏସ କଲେଜ ପୁରୀ, ଆର୍ଟ କଲେଜ କଟକ ପ୍ରଭୃତି ଯୋଗ ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ପର୍ଯ୍ୟବେକ୍ଷକ ଭାବେ ଡ. ପ୍ରବୀର କୁମାର ମହାନ୍ତି ଓ ନୀଳକଣ୍ଠ ମିଶ୍ର ପ୍ରମୁଖ ଟିମ୍ ଉପସ୍ଥିତ ରହି ଖେଳାଳି ଚୟନ କରିଥିଲେ। ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଆଶୁ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଥିଲା। ତ୍ରିନାଥ ସାମନ୍ତରାୟ ଓ ତାଙ୍କ ଟିମ୍ ରେଫରି ଭାବେ ଯୋଗଦେଇ ଖେଳ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟକୁ କଲେଜର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ପରିଚାଳନା କରିଥିଲେ।



# ବିକାଶର ମୁଖ୍ୟ ପ୍ରତିବନ୍ଧକ ହେଉଛି ଦୁର୍ନୀତି

**ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳିତ**

ପୁରୀ,୧।୧୧ (ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ପ୍ରଶାସନ, ଦୁର୍ନୀତି ନିବାରଣ ଶାଖା ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସଂସ୍କୃତି ଭବନରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଥିଲେ ଦୁର୍ନୀତି ଏକ ମହାମାରୀ, ଏହା ବିକାଶକୁ ନଷ୍ଟ କରିବା ସହ ସାମାଜିକ ଉନ୍ନତିକୁ କ୍ଷତି ପହଞ୍ଚାଇଥାଏ। ଦୁର୍ନୀତି ନିବାରଣ ବିଭାଗ କେବଳ ଏହାକୁ ରୋକିପାରିବ ନାହିଁ, ଏଥିପାଇଁ ଜନସହଯୋଗ ଓ ସଚେତନତା ଜରୁରୀ। ଅନ୍ୟତମ ଅତିଥି ଭାବେ ପୁରୀ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଯୋଗଦେଇ କହିଥିଲେ, ପୂର୍ବାପେକ୍ଷା ଦୁର୍ନୀତିର ମାତ୍ରା କମିଛି। ବର୍ତ୍ତମାନ ଡିଜିଟାଲ ମାଧ୍ୟମରେ ଅର୍ଥ ପ୍ରଦାନକୁ ପ୍ରୋତ୍ସାହିତ କରାଯାଉଥିବାରୁ ଏହା ଦୁର୍ନୀତିକୁ ହ୍ରାସ ଦିଗରେ ଏକ ବଡ ସଫଳତା ବୋଲି ସେ ମତ ଦେଇଥିଲେ। ବିଶିଷ୍ଟ ଗାନ୍ଧୀବାଦୀ ଲେଖକ ତଥା ସାମାଜିକ କର୍ମୀ ଗୌରାଙ୍ଗ ଚରଣ ପରିଡ଼ା ଏବଂ ଦୁର୍ନୀତି ନିବାରଣ ବିଭାଗର ଆଇନ ପରାମର୍ଶଦାତା ସତ୍ୟବାଦୀ ଦାସ ବିକାଶର ମୁଖ୍ୟ ପ୍ରତିବନ୍ଧକ ହେଉଛି ଦୁର୍ନୀତି ବୋଲି କହିବା ସହ ପ୍ରତ୍ୟେକ ନିଜ ବିବେକାନୁମୋଦିତ କାର୍ଯ୍ୟ, ଉନ୍ନତ ଚରିତ୍ର ଗଠନ, ଆତ୍ମସଂଯମତା ଓ ଶୃଙ୍ଖଳା ରଖିଲେ ଦୁର୍ନୀତି ନିବାରଣ ସହଜ ହୋଇପାରିବ ବୋଲି କହିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସେ ସମସ୍ତଙ୍କୁ ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ସାମଲ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ଶେଖର ମହାରଣା, ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ସମରଥ, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରତିନିଧି, ବରିଷ୍ଠ ନାଗରିକ, ଅବସରପ୍ରାପ୍ତ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପୁରୀ ଜିଲା ଦୁର୍ନୀତି ନିବାରଣ ଶାଖାର ଉପ ଆରକ୍ଷୀ ଅଧୀକ୍ଷକ ସୋମନାଥ ବାରିକ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

